
ବାଘମାରୀ ଅଟ୍ରିସ୍ଥିତ ଶ୍ରୀହଟ୍ଟକେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଉଛି।


ଦହଲରେ ମାନସିକଧାରୀମାନେ ଗୁଆ ଖୋଜୁଛନ୍ତି।

# ଅଟ୍ରିରେ ବୁଡ଼ ପକାଇଲେ ୫୦ହଜାର ଶ୍ରଦ୍ଧାଳୁ

**ମକର ମେଳା, ମହୋତ୍ସବ ଆରମ୍ଭ**

- ଦହଲରୁ ଗୁଆ ଖୋଜିଲେ ମାନସିକଧାରୀ
- ୧୫୦ରୁ ଊର୍ଦ୍ଧ୍ୱ ପିଲାଙ୍କ ମୁଣ୍ଡନ

ଖୋର୍ଦ୍ଧା/ବାଘମାରୀ,୧୪।୧(ପ୍ରଭାତ ପାଣିଗ୍ରାହୀ/ମିହିର ରଞ୍ଜନ ମହାପାତ୍ର)

ମକର ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବାଘମାରୀ ଅଟ୍ରିସ୍ଥିତ ଶ୍ରୀହଟ୍ଟକେଶ୍ୱରଙ୍କ ପୀଠରେ ମକର ମେଳା ଆରମ୍ଭ ହୋଇଛି। ଏହା ମାଘ ସପ୍ତମୀ ପର୍ଯ୍ୟନ୍ତ ଚାଲିବ। ଏଥିସହ ଉଷ୍ଣପ୍ରସ୍ରବଣଠାରେ ମକର ମହୋତ୍ସବ ୫ଦିନ ବ୍ୟାପୀ ଚାଲିବ। ଚଳିତବର୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଉଷ୍ଣ ପ୍ରସ୍ରବଣରେ ବୁଡ଼ ପକାଇ ଶ୍ରୀହଟ୍ଟକେଶ୍ୱରଙ୍କୁ ଦର୍ଶନ କରିଛନ୍ତି। ଏଥିସହ ମାନସିକ ପୂରଣ ପରେ ବହୁ ମାନସିକଧାରୀ ସନ୍ତାନଙ୍କୁ ଆଣି ପୀଠରେ ମୁଣ୍ଡନ କରାଇଛନ୍ତି। ୪ହଜାରରୁ ଊର୍ଦ୍ଧ୍ୱ ଅପୁତ୍ରିକ ନାରୀ ଉଷ୍ଣପ୍ରସ୍ରବଣ ଦହଲ(ମାନସିକ କୁଣ୍ଡ)ରୁ ମାନସିକ ଗୁଆ ଖୋଜିଥିଲେ। ଗୁଆ ଖୋଜି ପାଇବା ପରେ ଶ୍ରୀହଟ୍ଟକେଶ୍ୱରଙ୍କୁ ସ୍ମରଣକରି ଗୁଆ ଭକ୍ଷଣ କରିଥିଲେ।

ମଙ୍ଗଳବାର ଭୋର ୩ଟାରେ ଦ୍ୱାରଫିଟା ନୀତି ପରେ ଅଟ୍ରି ଦଳବେହେରାଙ୍କ ଘରୁ ଆସିଥିବା ପହିଲି ଭୋଗ, ମାଜଣା ସାମଗ୍ରୀରେ ଠାକୁରଙ୍କ ନୀତିକାନ୍ତି ପରେ ଚନ୍ଦନଲାଗି କରାଯାଇ ବେଶ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବ ଦିନରୁ ଠାକୁରଙ୍କ ନିକଟରେ ସଙ୍କଳ୍ପ କରିଥିବା ଅପୁତ୍ରିକ ନାରୀମାନେ ଠାକୁରଙ୍କ ଲେଉଟା ସ୍ନାନ ଜଳ ପାଇ ଏକ ମୁହାଁ ହୋଇ ଉଷ୍ଣପ୍ରସ୍ରବରଣଠାରେ ପହଞ୍ଚି ଦହଲରୁ ଗୁଆ ଖୋଜିଥିଲେ। ଏହା ହେଉଛି ଅଟ୍ରିର ଏକ ଅଭିନ୍ନ ପରମ୍ପରା। ଜଳରେ ସମର୍ପିତ ଗୁଆ ଭକ୍ଷଣକଲେ ସନ୍ତାନପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ଉଷ୍ଣ ପ୍ରସ୍ରବଣ କୁଣ୍ଡ(କୁଆକୁଣ୍ଡ)ରେ ସ୍ନାନକଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଓଡ଼ିଶା ତଥା ରାଜ୍ୟ ବାହାରୁ ଆସିଥିବା ଶ୍ରଦ୍ଧାଳମାନେ ପରିବାର ସହ ଉଷ୍ଣ ପ୍ରସ୍ରବଣରେ ସ୍ନାନ ସାରି ହଟ୍ଟକେଶ୍ୱରଙ୍କୁ ଦର୍ଶନ କରିଥିଲେ। ଉଷ୍ଣ ପ୍ରସ୍ରବଣ କୁଣ୍ଡରେ ଗରମ ଜଳର ଉବୁକା ଦର୍ଶନ ସହ ଶ୍ରଦ୍ଧାଳୁମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ, ଦୂବ, ତୁଳସୀ, ବରକୋଳି ପତ୍ର ଆଦି ନିକ୍ଷେପ କରିଥାନ୍ତି। ଏହାର ଜଳ ହଟ୍ଟକେଶ୍ୱରଙ୍କୁ ସମର୍ପିତ କରାଯାଏ। ଏହି ପାଦୁକା ସେବନକରି ଆତ୍ମତୃପ୍ତି ଅନୁଭବ କରିଥାନ୍ତି। ଏହାଦ୍ୱାରା ପେଟରୋଗ ଦୂରହୋଇଥାଏ ବୋଲି ବିଶ୍ୱାସ ରହିଛି। ହଟ୍ଟକେଶ୍ୱରଙ୍କ ଆଶୀର୍ବାଦରୁ ସନ୍ତାନ ଲାଭ କରିଥିବା ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପରିବାର ମନ୍ଦିର ପରିସର ପୋଖରୀ ନିକଟରେ ପିଲାଙ୍କ ମୁଣ୍ଡନ କରିଥିବା ବେଳେ ଭକ୍ତମାନେ ଧାଡ଼ିରେ ଆସି ଠାକୁରଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ମଧ୍ୟାହ୍ନରେ ଠାକୁରଙ୍କ ମଧ୍ୟାହ୍ନ ଆଳତିପରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଇଥିଲା। ଅପରାହ୍ନ ୨ଟାରେ ଠାକୁର ବିମାନକୁ ବିଜେକରି ଉଷ୍ଣପ୍ରସ୍ରବଣ ଅଭିମୁଖେ ବାହାରିଥିଲେ। ବିରାଟ ପଟୁଆର, ବାଦ୍ୟ ବାଜଣା, ପାରମ୍ପରିକ ଲୋକନୃତ୍ୟ ତାଳେ ତାଳେ ବହୁ ଭକ୍ତଙ୍କ ଗହଣରେ ଠାକୁର ଉଷ୍ଣ ପ୍ରସ୍ରବଣରେ ପହଞ୍ଚି କୁଆକୁଣ୍ଡର ୩ ଥର ପରିକ୍ରମାକରି ବିଜେ ମଣ୍ଡପରେ ବିଜେ କରିଥିଲେ। ସେଠାରେ ଭକ୍ତଙ୍କୁ ଦର୍ଶନଦେଇ ପଂକ୍ତିଭୋଗ ଖାଇ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ମନ୍ଦିର ବେଢ଼ା ପରିକ୍ରମାକରି ଗର୍ଭଗୃହକୁ ବିଜେ କରିଥିଲେ। ସନ୍ଧ୍ୟାରେ ଠାକୁର ମହାକାଳ ବେଶରେ ସଜ୍ଜିତ ହୋଇଥିଲେ। ଏହି ସମୟରେ ଗଜପତିଙ୍କ ଦ୍ୱାରା ଖଞ୍ଜା କଲ୍ୟାଣପୁର ଗ୍ରାମରୁ ମକର ଚାଉଳ ପହଞ୍ଚିଥିଲା। ସନ୍ଧ୍ୟା ଆଳତି ପରେ ମକର ଚାଉଳ ଲାଗି କରାଯାଇଥିଲା। ରାତି ୮ଟାରେ ବେଶ ଲାଗି, ଧୂପନୀତି ସମ୍ପନ୍ନ ହେବା ପରେ ୯ଟାରେ ବଡ଼ସିଂହାର ବେଶ ହୋଇ ସିଂହାର ଖଜା ଅର୍ପଣ ପରେ ୧୦ଟାରେ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ସେବାୟତମାନେ ଶୃଙ୍ଖଳିତ ଭାବେ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଆଇନଶୃଙ୍ଖଳା ଅନୁଧ୍ୟାନ କରିଥିଲେ। ସଦର ଏସ୍‌ଡିପିଓ ଅନୀଲ ମହାନ୍ତିଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## ଏମାନେ ଯାହା କୁହନ୍ତି...

“ ହଟ୍ଟକେଶ୍ୱର ହେଉଛନ୍ତି ଏକାଦଶ ରୁଦ୍ର। ଦିବ୍ୟସିଂହଦେବ ଗଜପତି ମହାରାଜ ଏହି ପୀଠ ସ୍ଥାପନା କରିଥିଲେ। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମ ଚନ୍ଦ୍ର ଏହାକୁ ପୁନଃ ପ୍ରତିଷ୍ଠା କରିଛନ୍ତି। ଏ ହେଉଛି ଏକାମ୍ର କାନନ। ଏକାମ୍ର କାନନରେ ବିଖ୍ୟାତ ହେଉଛନ୍ତି ବାବା ଲିଙ୍ଗରାଜ ଏବଂ ହଟ୍ଟକେଶ୍ୱର। ତେବେ ବାବା ଲିଙ୍ଗରାଜଙ୍କଠାରୁ ହଟ୍ଟକେଶ୍ୱର ହଜାରେ ବର୍ଷରେ ବଡ଼। ତେଣୁ ଏହି ପୀଠର ଅପୂର୍ବ ମହିମା ରହିଛି। ହଟ୍ଟକେଶ୍ୱରଙ୍କ ଆଶୀର୍ବାଦରୁ ବହୁ ବନ୍ଧ୍ୟାନାରୀଙ୍କ ମୁହଁରେ ହସ ଫୁଟିଥାଏ।

**–ଦିଲୀପ ପଣ୍ଡା, ବରିଷ୍ଠ ସେବାୟତ**

“ ସଂକ୍ରାନ୍ତିରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ହୋଇଥାଏ। ଏଠାରେ ଠାକୁରଙ୍କ ମକର ମେଳା ଅନୁଷ୍ଠିତ ହୁଏ। ଏହାକୁ ମାନସିକ ଯାତ୍ରା ମଧ୍ୟ କୁହାଯାଏ। ମାନସିକଧାରୀ ମହିଳା ଗୁଆ ଖୋଜନ୍ତି। ମହାଦେବୀଙ୍କ ମହିମାରୁ ବର୍ଷକ ମଧ୍ୟରେ ସନ୍ତାନ ଲାଭ କରନ୍ତି। ଏଥିସହ ଯିଏ ଯାହା ମାନସିକ କରନ୍ତି, ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। କଥାରେ ଅଛି ଗୁଆଟିଏ ପୁଅଟିଏ। ଆଲୋ ମକର ଉଠ ସଅଳ ଯିବା ମକର ଅଟ୍ରି ଧାମକୁ, ଗୁଆ ପାଇଲେ ପୁଅ ପାଇବୁ, ହଟିଆ ଦେବେ ସେ ବର। ଏଠାରେ ଆନନ୍ଦ ଉଲ୍ଲାସର ସହ ଉତ୍ସବ ପାଳିତ ହୋଇଥାଏ।

**–ରାମନାଥ ପୂଜାପଣ୍ଡା, ବରିଷ୍ଠ ସେବାୟତ**

“ ଆଧୁନିକ ଚିକିତ୍ସା ବିଜ୍ଞାନ ସତ୍ତ୍ୱେ ପ୍ରାଚୀନ ପରମ୍ପରା ଆଜି ମଧ୍ୟ ଏଠାରେ ଉଜ୍ଜୀବିତ ରହିଛି। ଆଧୁନିକତା ସତ୍ତ୍ୱେ ଦେବଦେବୀଙ୍କ ପ୍ରତି ଲୋକଙ୍କ ମଧ୍ୟରେ ଗଭୀର ବିଶ୍ୱାସ ଭକ୍ତଙ୍କୁ ଏଠାକୁ ଟାଣି ଆଣିଥାଏ। ବିଜ୍ଞାନକୁ ମାନୁଥିବା ବ୍ୟକ୍ତି ଇଞ୍ଜିନିୟର, ଡାକ୍ତର, ପ୍ରତିଷ୍ଠିତ ବ୍ୟବସାୟୀମାନେ ମଧ୍ୟ ଏଠାରେ ସଂକଳ୍ପ ପୂର୍ବକ ଗୁଆ ଖୋଜୁଥିବା ଜଣାପଡ଼ିଛି। ଯିଏ ଭକ୍ତିର ସହ ସଂକଳ୍ପ କରିଛି, ସେ ନିଶ୍ଚିତ ଫଳ ପାଇଛି।

**–ରଞ୍ଜନ ମହାପାତ୍ର, ମନ୍ଦିର ସେବାୟତ**

“ ଏହା ଏକ ପ୍ରସିଦ୍ଧ ଶୈବପୀଠ। ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ହେଉଛନ୍ତି ଶ୍ରୀହଟ୍ଟକେଶ୍ୱର। ଠାକୁରଙ୍କ ଆଶୀର୍ବାଦରୁ ମାନସିକଧାରୀଙ୍କ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହା ଏକ ପ୍ରାଚୀନ ପରମ୍ପରା । ଏହି ପୀଠର ବିକାଶ, ଭିତ୍ତିଭୂମି, ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଛି।

**–ପ୍ରଦୀପ ସାହୁ, ବେଗୁନିଆ ବିଧାୟକ**

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶୁଭ


@ ହରପ୍ରିୟା


@ ଗୋବିନ୍ଦ


@ ପ୍ରଦୋଷ


@ ମନୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୮୧ପ୍ରଜାତିର ୬,୬୦୦ ପକ୍ଷୀ ଚିହ୍ନଟ

**ବାଙ୍କୀ ଅରାଚଣ୍ଡୀ ପାଟରେ ପକ୍ଷୀ ଗଣନା**

ବାଙ୍କୀ,୧୪।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



କଟକ ଜିଲା ଡମପଡ଼ା ନିକଟସ୍ଥ ଅରାଚଣ୍ଡୀ ପାଟରେ ମଙ୍ଗଳବାର ସିଆର୍‌ଟିଡି ଅନୁଷ୍ଠାନ ଆନୁକୂଲ୍ୟରେ ପକ୍ଷୀ ଗଣନା କରାଯାଇଛି। ଏହି ଅବସରରେ ସମୁଦାୟ ୮୧ପ୍ରଜାତିର ୬,୬୦୦ ପକ୍ଷୀ ଚିହ୍ନଟ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଲଳିତ ମୋହନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅରାଚଣ୍ଡୀ ପକ୍ଷୀ ସୁରକ୍ଷା ସମିତିର ସଭ୍ୟ ସୂର୍ଯ୍ୟକାନ୍ତି ମହାନ୍ତି, ସ୍ନେହାଞ୍ଜଳି ବିଶ୍ୱାଳ, ଲତା ବିଶ୍ୱାଳ, ବିଳାସିନୀ ରାଉତ, ସଭାପତି ମିନତୀ ସାହୁ, ସଂଯୋଜକ ଅମିତ ସାହୁ, ଦୁର୍ଗାମାଧବ ମହାପାତ୍ର, ୱାଇଲ୍ଡ ଲାଇଫ ଟୁର ଅଧ୍ୟକ୍ଷା ବିଷ୍ଣୁପ୍ରିୟା କର, ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ, ସଞ୍ଜୟ ଦାସ ଓ ବାଙ୍କୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ପକ୍ଷୀଗଣନା କାର୍ଯ୍ୟରେ ସହଯୋଗ କରିଥିଲେ । ଏହି ପାଟରେ ବିଶେଷକରି ବିଦେଶରୁ ଆସିଥିବା ନର୍ଦ୍ଦନ ଶୋଭଲର, ରୁଡିସେଲଡକ୍, କଟନଟିଲ, ବ୍ଲାକ୍‌ହେଡେଡ୍‌ଆଦିପକ୍ଷୀ ଦେଖିବାକୁମିଳିଛି।

# ୨୦ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

ପୁରୀ,୧୪।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନାଟମଣ୍ଡପ ପରିସରରେ ଆସନ୍ତା ୨୦ତାରିଖରୁ ୬ଥାକିଆ ଧାଡ଼ି ଦର୍ଶନ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଟ୍ରାଏଲ୍ ରନ୍ କରା ନ ଯାଇ ସିଧାସଳଖ ଭକ୍ତଙ୍କ ପାଇଁ ଧାଡ଼ି ବ୍ୟବସ୍ଥା ଆରମ୍ଭ କରାଯିବ। ଭକ୍ତମାନେ ସାତପାହାଚ ପରେ ୬ଥାକିଆ ଧାଡ଼ିରେ ଯାଇ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବେ। ଏନେଇ ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ପୂର୍ବ ନିଷ୍ପତ୍ତି ଅନୁଯାୟୀ ୨୦ ତାରିଖରୁ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଭକ୍ତଙ୍କ ସଂଖ୍ୟା ଏବେ କମ୍ ଥିବାରୁ ଟ୍ରାଏଲ୍ ରନ କରା ନ ଯାଇ ସିଧାସଳଖ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ। ନବବର୍ଷରେ ଭକ୍ତଙ୍କ ସମାଗମ ଅଧିକ ଥିବାରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ପୂର୍ବରୁ ୨ରୁ ୩ଦିନ ଟ୍ରାଏଲ୍ ରନ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ସେପରି ସମସ୍ୟା ନ ଥିବାରୁ କୌଣସି ଅସୁବିଧା ହେବନାହିଁ। ତେଣୁ ସିଧାସଳଖ ଧାଡ଼ି ଦର୍ଶନ କାର୍ଯ୍ୟକାରୀ କରାଯିବ।

ଅନ୍ୟପକ୍ଷରେ ବ୍ୟାରିକେଡ୍ ର୍ୟାମ୍ପ ନିର୍ମାଣ ଶେଷ ହୋଇଛି। ଏହି ର୍ୟାମ୍ପକୁ ଓବିସିସି ପକ୍ଷରୁ ଭୁବନେଶ୍ୱରଠାରେ ନିର୍ମାଣ କରାଯାଇଛି। କାଠଗୁଡ଼ିକ ବେଙ୍ଗାଲୁରୁରୁ ଆସିଥିବା ଜଣାପଡ଼ିଛି। ତେବେ ଏହି ବ୍ୟବସ୍ଥାକୁ ଟ୍ରାଏଲ୍ ରନ୍ ନ କରାଯାଇ ସିଧା କାର୍ଯ୍ୟକାରୀ କରିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ସାଧାରଣତନ୍ତ୍ର ଦିବସରେ ଯୋଗଦେବା ପାଇଁ ରାଷ୍ଟ୍ରପତିଙ୍କ ପକ୍ଷରୁ ସୁଦର୍ଶନଙ୍କୁ ନିମନ୍ତ୍ରଣ

ପୁରୀ,୧୪।୧(ଅଜିତ୍ କୁମାର ମହାନ୍ତି)

ଜାନୁୟାରୀ ୨୬ରେ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦାନ ପାଇଁ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ଆସିଛି। ନିମନ୍ତ୍ରଣ ପତ୍ରଟି ରାଷ୍ଟ୍ରପତିଙ୍କ ପକ୍ଷରୁ ପଟ୍ଟନାୟକଙ୍କ ନିକଟକୁ ପଠାଯାଇଛି। ପୋଷ୍ଟମ୍ୟାନ ଚନ୍ଦନେଶ୍ୱର ହାଁସଦା ଉକ୍ତ ନିମନ୍ତ୍ରଣ ପତ୍ରଟିକୁ ସ୍ୱତନ୍ତ୍ର ଭାବେ ଆଣି ପଟ୍ଟନାୟକଙ୍କୁ ତାଙ୍କ ବାସଭାବନରେ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିବା ନେଇ ରାଷ୍ଟ୍ରପତିଙ୍କ ପକ୍ଷରୁ ନିମନ୍ତ୍ରଣ ପତ୍ର ଆସିଥିବାରୁ ସେ ଖୁସି ପ୍ରକଟ କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ନିମନ୍ତ୍ରଣ ପତ୍ରରେ କଳା ଡିଜାଇନ୍, ପାରମ୍ପରିକ ହସ୍ତଶିଳ୍ପ ସହିତ ସୁନ୍ଦର ସ୍ମରଣିକା ରହିଥିବା ନେଇ ଶିଳ୍ପୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ରାଜଭବନ ଉଦ୍ୟାନରେ ଜମୁଛି ଭିଡ଼



ଭୁବନେଶ୍ୱର,୧୪।୧(ସୌମ୍ୟରଞ୍ଜନ ରାଉତ)

**ଆପ୍ ମାଧ୍ୟମରେ ୧୪ ହଜାରରୁ ଅଧିକ ପଞ୍ଜୀକରଣ**

ସର୍ବସାଧାରଣଙ୍କ ପରିଦର୍ଶନ ଲାଗି ରାଜଭବନ ଉଦ୍ୟାନ ଖୋଲାଯାଇଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଏଠାରେ ବିଭିନ୍ନ ପ୍ରକାର ଫୁଲ ଉଦ୍ୟାନର ଶୋଭା ଦ୍ୱିଗୁଣିତ କରୁଛି। କିଏ ସାଙ୍ଗଙ୍କ ସହ ଆସି ସେଲ୍ଫି ନେବାରେ ବ୍ୟସ୍ତ ତ ଆଉ କିଏ ପରିବାର ସହିତ ଆସି ବୁଲିବୁଲି ଫୁଲ ଦେଖି ଆନନ୍ଦିତ ହେଉଛନ୍ତି। ରାଜଭବନ ଉଦ୍ୟାନ ପରିସରରେ ଥିବା ମ୍ୟୁଜିକାଲ୍ ଫାଉଣ୍ଟେନ୍, ୱାଟର ଫଲ୍, ଆକ୍ୱାରିୟମ,ବୋନସାଇ ହାଉସ୍, ହରିଣ ପାର୍କ, ମୟୂର ଓ ଅନ୍ୟାନ୍ୟ ପକ୍ଷୀଘର ପରିଦର୍ଶନ କରି ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ଆପ୍ ମାଧ୍ୟମରେ ୧୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ରାଜଭବନ ଉଦ୍ୟାନ ପରିଦର୍ଶନ କରିବାକୁ ପଞ୍ଜୀକରଣ କରିଛନ୍ତି। ମକର ସଂକ୍ରାନ୍ତି ଛୁଟିଦିନ ଥିବାରୁ ଅପରାହ୍ନ ୨ଟା ୩୦ ବେଳକୁ ଉଦ୍ୟାନ ପରିଦର୍ଶନ ଲାଗି ପ୍ରବଳ ଗହଳି ହୋଇଥିଲା। ସକାଳ ସମୟରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ବାରବାଟୀ କ୍ୟାମ୍ପସ ଏବଂ ଏସ୍‌ସିବି ମେଡିକାଲ ଡିଏଭି ପବ୍ଲିକ ସ୍କୁଲ, କଟକର ଛାତ୍ରୀଛାତ୍ରମାନେ ରାଜଭବନ ଉଦ୍ୟାନ ବୁଲି ଦେଖିଥିଲେ। ସୂଚନାଯୋଗ୍ୟ, ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଫକୀରମୋହନ ଓଡ଼ିଆ ଭାଷାର କିମ୍ବଦନ୍ତୀ ପୁରୁଷ

**ରାଜ୍ୟସ୍ତରୀୟ ଜୟନ୍ତୀ**

ଭୁବନେଶ୍ୱର,୧୪।୧(ସୁଚିସ୍ମିତା ସାହୁ)


କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥିବୃନ୍ଦ।

ଫକୀରମୋହନ ସେନାପତି ଓଡ଼ିଆ ଭାଷାର ଜଣେ କିମ୍ବଦନ୍ତୀ ପୁରୁଷ। ସାମାଜିକ ବ୍ୟବସ୍ଥାରେ ନାରୀ ଶିକ୍ଷାର ପ୍ରସାର ପାଇଁ ତାଙ୍କର ଅଦମ୍ୟ ଚେଷ୍ଟା ତାଙ୍କୁ କାଳଜୟୀ କରିଛି ବୋଲି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀରମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଭାଷା ଆନ୍ଦୋଳନର ପ୍ରମୁଖ ବିଦ୍ଧାଣି ଫକୀରମୋହନ ପ୍ରତିକୂଳ ପରିସ୍ଥିତିରେ ସାହିତ୍ୟ ସୃଷ୍ଟି କରି ଓଡ଼ିଆ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ସ୍ଥାନ ପାଇଛନ୍ତି। ତାଙ୍କ ଅଭିନବ ଗଦ୍ୟଶୈଳୀ, କଥା ସାହିତ୍ୟ ଓ କାଳ୍ପନିକ ଚରିତ୍ରଗୁଡ଼ିକ ଥିଲା ଅନନ୍ୟ। ସରଳ, ସୁଖପାଠ୍ୟ ଓ ଆକର୍ଷଣୀୟ ଭାଷାରେ ସେ ନିଜର ଭାବକୁ ପ୍ରକାଶ କରୁଥିଲେ ବୋଲି ଷଡ଼ଙ୍ଗୀ କହିଥିଲେ।

ସମ୍ମାନିତ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ କହିଲେ, ଫକୀରମୋହନଙ୍କ କୃତି ସମାଜର ଅବହେଳିତ, ନିଷ୍ପେଷିତ ମଣିଷର କଥା କହେ। ତାଙ୍କର ରେବତୀ ଗଳ୍ପ ସେ ସମୟରେ ନାରୀ ସଶକ୍ତୀକରଣର ବଳିଷ୍ଠ ଉଦାହରଣ ଥିବାବେଳେ ଡାକମୁନ୍‌ସୀ ଗଳ୍ପ ପ୍ରାଚ୍ୟ–ପାଶ୍ଚାତ୍ୟ ସଂସ୍କୃତିରେ ପ୍ରାବଲ୍ୟକୁ ସୂଚାଇଥାଏ। ମୁଖ୍ୟବକ୍ତା ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ କହିଲେ, ଫକୀରମୋହନ ଓଡ଼ିଆ ସାହିତ୍ୟରେ ଏକ ବିରଳ ଦୃଷ୍ଟାନ୍ତ ଥିଲେ। ଓଡ଼ିଆ ମାଟି, ଓଡ଼ିଆ ଜାତି ଓ ମାତୃଭୂମି ପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ ଆଜି ମାତୃଭାଷାର ଗୁରୁତ୍ୱ ବଢ଼ିଛି।

ଫକୀରମୋହନ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଡ. ବିରାଜ ମୋହନ ଦାସ ଫକୀରମୋହନଙ୍କ ସାରସ୍ୱତ ସୃଷ୍ଟି ଚିରଦିନ ପାଇଁ ଓଡ଼ିଆ ସାହିତ୍ୟ ଜଗତକୁ ଆଲୋକିତ କରୁଥିବ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଫକୀରମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂସଦର ସଭାପତି ଜୀବନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ତ୍ରିପାଠୀ, ରଶ୍ମି ଦାସ ଓ ଗୀତାଞ୍ଜଳି ମହାନ୍ତି ସଂଯୋଜନା କରିଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଜୟଦେବ ଭବନ ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

**ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା**

ଭୁବନେଶ୍ୱର,(ସୌମ୍ୟରଞ୍ଜନ ରାଉତ)- ରାଜଭବନ ପରିସରସ୍ଥ ଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ମକର ସଂକ୍ରାନ୍ତି ଉପଲକ୍ଷେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ମନ୍ଦିର ସକାଳ ୫ଟା ୩୦ରୁ ଖୋଲି ପୂଜାର୍ଚ୍ଚନା ହୋଇ ମଧାହ୍ନ ୧୨ଟାରେ ପହଡ଼ ପଡ଼ିଥାଏ। ସେହିପରି ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଖୋଲିଥାଏ । ବର୍ତ୍ତମାନ ସର୍ବସାଧାରଣଙ୍କ ପାଇଁ ରାଜଭବନ ଉଦ୍ୟାନ ଖୋଲାଥିବାରୁ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାରହୁଛି ବୋଲି ରାଜଭବନ ଉଦ୍ୟାନର ମନ୍ଦିର ପୂଜକ ରାଜେନ୍ଦ୍ର ମିଶ୍ର କହିଛନ୍ତି।

## ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ମନା

ଭୁବନେଶ୍ୱର,୧୪।୧(ସୌମ୍ୟରଞ୍ଜନ ରାଉତ): ଖଣ୍ଡଗିରିରେ ଆସନ୍ତା ମାଘସପ୍ତମୀରୁ ଆରମ୍ଭ ହେବାକୁ ଯାଉଛି ଯାତ୍ରା ମହାକୁମ୍ଭ। ଏଥର ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଛି। ଏ ନେଇ ମଙ୍ଗଳବାର କେତୋଟି ଯାତ୍ରା କମିଟି ଓ ପୋଲିସ ମଧ୍ୟରେ ଆଲୋଚନା ହୋଇଛି। ଏଠାରେ ମାଘସପ୍ତମୀରୁ ୧୨ ଯାତ୍ରାପାର୍ଟି ମଇଦାନକୁ ଓହ୍ଲାଇବେ। ଯାତ୍ରାପାର୍ଟିଗୁଡ଼ିକ ରଙ୍ଗାରଙ୍ଗ ନୃତ୍ୟ ପ୍ରଦର୍ଶନ ସହ ମନଛୁଆଁ ଯାତ୍ରା ପରିବେଷଣ କରିବେ। ବିଭିନ୍ନ ମଞ୍ଚରେ ଯାତ୍ରା ପରିବେଷଣ ହେବ। ଏହା ଦେଖିବାକୁ ବହୁସଂଖ୍ୟକ ଯାତ୍ରାପ୍ରେମୀଙ୍କ ସମାଗମ ହେବ। ଅନ୍ୟପକ୍ଷରେ ଏନେଇ ଖଣ୍ଡଗିରି ଥାନା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି, ମଙ୍ଗଳବାର ଖଣ୍ଡଗିରି ଯାତ୍ରା କମିଟିର ୨ ଦଳ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ନେଇ ଆଲୋଚନା ପାଇଁ ଆସିଥିଲେ। ତେବେ ସମସ୍ତ କମିଟି ଉପସ୍ଥିତିରେ ବୁଧବାର ଏ ସଂକ୍ରାନ୍ତରେ ଆଲୋଚନା ହେବ ବୋଲି କୁହାଯାଇଛି।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମକର ନୀତି

ପୁରୀ,୧୪।୧(ଅଜିତ୍ କୁମାର ମହାନ୍ତି)



ମକର ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଦ୍ୱାରଫିଟା ଓ ଭିତରଶୋଧ, ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବେଶ ଶେଷ ହେବା ପରେ ଗୋପାଳବଲ୍ଲଭ କରାଯାଇଥିଲା। ବଲ୍ଲଭଭୋଗ ପରେ ସକାଳ ଧୂପ ସରି ମଇଲମ ପରେ ମହାସ୍ନାନ କରାଯାଇଥିଲା। ସର୍ବାଙ୍ଗ ପରେ ନୂଆଲୁଗା, ଚୂଳ, ମାଳ, ୬ ମୂର୍ତ୍ତି ଅଳଙ୍କାର ଲାଗି ପରେ ବେଶ ଶେଷ ହୋଇଥିଲା। ଧୋପଖାଳ, ଦ୍ୱିପ୍ରହର ଧୂପ ସହିତ ଯାତ୍ରାଙ୍ଗୀ ଭୋଗ ରୋଷଘରୁ ଘଣ୍ଟ, ଛତା, କାହାଳି ସହ ସେବକ ପଟୁଆରରେ ଆସିଥିଲେ। ଷୋଡ଼ଶ ଉପଚାରରେ ମଣୋହୀ କରାଯାଇଥିଲା। ଟେରାପଡ଼ିବା ପରେ ଏକ ଓଳି ଅନ୍ନ ବାହାରକୁ ଆସି ମନ୍ଦିର ଚାରିପାଖରେ ଦିଗବଳି ପ୍ରଦାନ କରାଯାଇଥିଲା। ଏହି ଭୋଗ ଶେଷହୋଇ ଆଳତିବଢ଼ି, ଧୋପଖାଳ ହୋଇ ଟେରାବନ୍ଧା ଗଲା ପରେ ଅଧିବାସ ହୋଇଥିବା ମକରଚାଉଳ ଆଣିବା ପାଇଁ ଭୋଗମଣ୍ଡପ ଘରକୁ ଭୋଗ ଡକାଯାଇଥିଲା।

ଭୋଗ ଡାକିଯିବା ବେଳକୁ ଶୁଦ୍ଧ ସୁଆରମାନେ ପୂର୍ବରୁ ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧସର ନେଇଥିଲେ। ପର୍ବଯାତ୍ରା ଯୋଗାଣିଆଠାରୁ ହାଣ୍ଡି କୁଡୁଆମାନ ନେଇଥିଲେ। ତିନିଗୋଟି ରୁପାଥାଳିରେ ଉକ୍ତ ଚାଉଳକୁ ରଖିଥିଲେ। ତାହାକୁ ପଂକ୍ତିବଡୁମାନେ ବାଘମୁହଁ ବାନ୍ଧି ଘଣ୍ଟ, ଛତା, କାହାଳି ସହିତ ତଳିଚ୍ଛ ପଟୁଆର କରି ବଡ଼ଦେଉଳକୁ ତିନିବେଢ଼ା ବୁଲି ଭିତରେ ରଖିଥିଲେ। ଏହା ପରେ ରୋଷଘରୁ ମକରଚୌରାଶୀ ଭୋଗ ଘଣ୍ଟ, ଛତା, କାହାଳି ସହ ପଟୁଆରରେ ଛାମୁକୁ ଆସିଥିଲା। ମହାଭୋଇମାନେ ବାଘମୁହଁ ବାନ୍ଧି, ଘଣ୍ଟ, ଛତା, କାହାଳୀ ସହ ନିର୍ଦ୍ଦିଷ୍ଟ ସେବକଙ୍କ ଦୁଗ୍ଧ, ଗୁଡ଼ିଆ ସାକର ଓ ଅନ୍ୟାନ୍ୟ ଦୁଗ୍ଧ ଜାତୀୟ ଦ୍ରବ୍ୟ ଶ୍ରୀମନ୍ଦିର ପରିକ୍ରମା କରି ଜୟବିଜୟ ଦ୍ୱାରଠାରେ ମହାସୁଆରଙ୍କ ଜିମା ଦେଇଥିଲେ, ଯାହାକୁ ମହାସୁଆର ସେବକ ମହାପ୍ରଭୁଙ୍କ ନିକଟରେ ବାଢ଼ିଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ଭାବରେ ମୁଦିରସ୍ତ ସେବକ ପ୍ରସାଦଲାଗି କଲା ପରେ ପୂଜାପଣ୍ଡାମାନେ ତିନିବାଡ଼ରେ ପଞ୍ଚ ଉପଚାର ପୂଜା ସମାପନ କରିଥିଲେ। ଭୋଗ ସରିବା ପରେ ଶ୍ରୀବିଗ୍ରହଙ୍କୁ ବନ୍ଦାପନା କରାଯାଇଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ମକର ଚୌରାଶୀ ବେଶ, ଦର୍ଶନ ଓ ମକର ବେଢ଼ା କରିବା ପାଇଁ ହଜାର ହଜାର ଭକ୍ତ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ। ମକର ଚୌରାଶୀ ବେଶରେ ଗେଣ୍ଡୁ ଫୁଲର ମାଳ, ତୁଳସୀ ଗେଣ୍ଡୁଫୁଲର ଚୂଳ ଲାଗି ହେଉଥିବାରୁ ଏବଂ ଏହି ସମୟରେ ଫୁଲର ପ୍ରାଚୁର୍ଯ୍ୟ ଥିବାରୁ ମହାପ୍ରଭୁଙ୍କର ବେଶ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା।



ଉତ୍କଳ ସମ୍ମିଳନୀ ପକ୍ଷରୁ ବାଣୀବିହାରସ୍ଥିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ସଦସ୍ୟମାନେ।

## ରାସ୍ତାରେ ଜଳିଗଲା ବିଏମ୍‌ସି ସଫେଇ ମେଶିନ ଗାଡ଼ି



ଭୁବନେଶ୍ୱର,୧୪।୧(ସୂର୍ଯ୍ୟକାନ୍ତ ବେହେରା)

ରାସ୍ତା ମଝିରେ ଜଳିଗଲା ବିଏମ୍‌ସି ସଫେଇ ମେଶିନ ଗାଡ଼ି। ମଙ୍ଗଳବାର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂ ବୋର୍ଡ କଲୋନୀ ରାସ୍ତାରେ ଏଭଳି ଘଟଣା ଘଟିଛି । ଖବର ପାଇ ଅଗ୍ନିଶମ ଟିମ୍ ପହଞ୍ଚି ପାଣି ଓ ଫୋମ ସ୍ପ୍ରେ ଦ୍ୱାରା ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ । ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

ସୂଚନାନୁଯାୟୀ, ପୂର୍ବାହ୍ନ ୧୦ଟାରେ ବିଏମ୍‌ସିର ସଫେଇ ମେଶିନ ଗାଡ଼ି ଦ୍ୱାରା ଉକ୍ତ ଅଞ୍ଚଳରେ ସଫେଇ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ଗାଡ଼ିରେ ହଠାତ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଯାଇଥିଲା। କିଛି ସମୟ ମଧ୍ୟରେ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ନନ୍ଦନକାନନ ଦିଗରୁ ଜୟଦେବ ବିହାର ଆଡ଼କୁ ଆସୁଥିବା ଗାଡ଼ି ଅଟକି ରହିବାରୁ ରାସ୍ତା ଜାମ୍ ହୋଇଥିଲା। ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ନିଆଁ ଲିଭାଇଥିଲା। ପ୍ରାୟ ୩୦ ମିନିଟରୁ ଅଧିକ ସମୟ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ଚନ୍ଦ୍ରଶେଖରପୁର ଥାନା ପୋଲିସ ଓ ଟ୍ରାଫିକ ପୋଲିସ ପକ୍ଷରୁ ଭିଡ ନିୟନ୍ତ୍ରଣ ସହ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ପବିତ୍ର ମକର ସଂକ୍ରାନ୍ତିରେ ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି। (ଫଟୋ: ମନୋରଞ୍ଜନ ମିଶ୍ର)

## 'ଫକୀର ମୋହନଙ୍କ ସମୟରୁ ପ୍ରକୃତ ଓଡ଼ିଆ ଅସ୍ମିତା ଆରମ୍ଭ ହୋଇଥିଲା'

ଭୁବନେଶ୍ୱର, ୧୪।୧(ବନ୍ଦନା ସେଠୀ)

ମହାଭାରତ ଯୁଗର ପିତାମହ ଭୀଷ୍ମ ଦେହତ୍ୟାଗ କରିବା ପାଇଁ ମକର ସଂକ୍ରାନ୍ତି ଦିନକୁ ଚୟନ କରିଥିଲେ। ସେହିପରି ଓଡ଼ିଆ ଭାଷା ସାହିତ୍ୟର ପିତାମହ ବ୍ୟାସକବି ଫକୀର ମୋହନ ସେନାପତି ଏହି ପବିତ୍ର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କଭଳି ଯୋଗଜନ୍ମା ମହାଜ୍ଞାନୀଙ୍କ ପାଇଁ ଓଡ଼ିଆ ଭାଷା ଋଦ୍ଧିମନ୍ତ ହୋଇପାରିଛି। ଫକୀର ମୋହନଙ୍କ ସମୟରୁ ହିଁ ପ୍ରକୃତ ଓଡ଼ିଆ ଅସ୍ମିତା ଆରମ୍ଭ ହୋଇଥିଲା ବୋଲି ଅତିଥିମାନେ ମତ ଦେଇଛନ୍ତି। ମଙ୍ଗଳବାର ଉତ୍କଳ ସମ୍ମିଳନୀ ପକ୍ଷରୁ ବାଣୀବିହାରସ୍ଥିତ ଫକୀରମୋହନଙ୍କ ପ୍ରତିମୂର୍ତ୍ତିସ୍ଥଳରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରି ଫକୀର ମୋହନଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ପରିଚାଳନା କରିଥିବାବେଳେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର ଓ ଶିତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ବରପୁତ୍ରଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ପ୍ରକାଶ ସାମଲ ଏବଂ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## 'ମିଳିତ ପ୍ରୟାସରେ ଭାଷା ବଞ୍ଚିବ'

ଭୁବନେଶ୍ୱର,୧୪।୧(ସୁଚିସ୍ମିତା ସାହୁ)

କେବଳ ସରକାର ଚାହିଁଲେ ଭାଷା ବଞ୍ଚିବନି। ଏନେଇ ସମସ୍ତଙ୍କ ମିଳିତ ପ୍ରୟାସର ଆବଶ୍ୟକତା ରହିଛି। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଫକୀରମୋହନଙ୍କ ଅବଦାନକୁ ମନେ ପକାଇ ଆମେ ଆଗେଇ ଆସିବା ଉଚିତ। ଫକୀରମୋହନ ଜଣେ ସାହିତ୍ୟିକ ଏବଂ ବିଶିଷ୍ଟ କୂଟନୀତିଜ୍ଞ ଥିଲେ ବୋଲି ଉତ୍କଳ ସାମାଜିକ ଓ ସାଂସ୍କୃତିକ ସଂଗଠନ (ଉଷାକା)ପକ୍ଷରୁ ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ କହିଛନ୍ତି।

ଉଷାକା କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀର ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଇତିହାସ ପ୍ରାଧ୍ୟାପିକା ମିତ୍ରା ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଡାକ୍ତର ଦୁର୍ଗାଶଙ୍କର ଦାସ ଯୋଗଦେଇଥିଲେ। ଉପାଧ୍ୟକ୍ଷ ରାମଜୀବନ ଗୋଚ୍ଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ବେଣୁଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଚିତ୍ରଶିଳ୍ପୀ ଚିନ୍ତାମଣି ବିଶ୍ୱାଳଙ୍କ ନବବର୍ଷର କ୍ୟାଲେଣ୍ଡରକୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ ସାମଲ, ଧଉଳି ଆର୍ଟ କଲେଜ ଅଧକ୍ଷ ପଞ୍ଚାନନ ସାମଲ ପ୍ରମୁଖ ଉନ୍ମୋଚନ କରିଥିଲେ। ଉଷାକା ସଦସ୍ୟମାନେ ଫକୀରମୋହନ ଛାତ୍ରବାସ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ହୋଇଥିବା ଭାସ୍କର୍ଯ୍ୟ ନିକଟରେ କଳା ଫିତା ଦେଖାଇ ନୀରବ ପ୍ରତିବାଦ କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟାନନ୍ଦ ନାୟକ, ସମରେଶ ବେଉରିଆ, ଶତାବ୍ଦୀ ପଲାଇ, ମେଘାଦୀପ୍ତି ମହାପାତ୍ର, ସୂର୍ଯ୍ୟନାରାୟଣ ମହାନ୍ତି, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## 'ଅକାମୀ ହୋଇପଡ଼ିଛି ରାଜ୍ୟ ସୈନିକ ବୋର୍ଡ'




ଭୁବନେଶ୍ୱର, ୧୪।୧ (ବନ୍ଦନା ସେଠୀ)

ଅବସରପ୍ରାପ୍ତ ତଥା ପୂର୍ବତନ ସୈନିକମାନଙ୍କ ସହାୟତା ପାଇଁ ଥିବା ରାଜ୍ୟ ସୈନିକ ବୋର୍ଡ ଏବେ ଅକାମୀ ହୋଇପଡ଼ିଛି। ସୈନିକମାନଙ୍କ ଅନେକ ସମସ୍ୟାର ସମାଧାନ ହେଉନାହିଁ। ନିୟମ ଅନୁଯାୟୀ ୬୦ ବର୍ଷ ପରେ ଜଣେ ବ୍ୟକ୍ତି ସରକାରୀ ଚାକିରିରେ ଭାବେ ରହିପାରିବେ ନାହିଁ। ମାତ୍ର ବର୍ତ୍ତମାନ ସୈନିକ ବୋର୍ଡର ସେକ୍ରେଟାରି ଥିବା ବ୍ୟକ୍ତିଙ୍କୁ ୬୬ବର୍ଷ ହୋଇଥିଲେ ମଧ୍ୟ ସେ ସରକାରୀ ଚାକିରିରେ ଅଛନ୍ତି। ସେହିପରି ସେକ୍ରେଟାରିଙ୍କ ଦାୟିତ୍ୱହୀନତା ପାଇଁ ଜିଲା ସୈନିକ ବୋର୍ଡରେ କର୍ମଚାରୀ ଅଭାବ ଓ ସୈନିକଙ୍କ ପ୍ରତି ଅତ୍ୟାଚାର ବଢିଚାଲୁଥିବା ନେଇ ଅଲ୍ ଓଡ଼ିଶା ଭେଟେରାନ୍ ସୋଲ୍‌ଜର୍ସ ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ସେକ୍ରେଟାରିଙ୍କୁ ପଦବୀରୁ ବହିଷ୍କାର ପାଇଁ ଦାବି କରାଯାଇଛି। ଏ ନେଇ ମଙ୍ଗଳବାର ୧୨୦ ବାଟାଲିୟନ ସମ୍ମୁଖରେ ପ୍ରତିବାଦ ଧାରଣା ଦିଆଯାଇଥିଲା। ଏଥିସହ ଏକ ପ୍ରତିନିଧି ମଣ୍ଡଳୀ ରାଜଭବନ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଧାରଣାରେ ସଂଘର ରାଜ୍ୟ ସଭାପତି ମହେଶ୍ୱର ବେହେରା, ପରାମର୍ଶଦାତା ଭେଟେରାନ ଦିଲୀପ କୁମାର ମହାପାତ୍ର, ଉପସଭାପତି ନୃସିଂହ ଶତପଥୀ, ପରମେଶ୍ୱର ସ୍ୱାଇଁ, ରମେଶ ପାଣି ପ୍ରମୁଖ ଯୋଗଦେଇଥିଲେ।

## ବର୍ଷବ୍ୟାପୀ ପାଳନ ହେବ ସମତା ସ୍ୱରାଜ ସଂକଳ୍ପ ଅଭିଯାନ

ଭୁବନେଶ୍ୱର,୧୪।୧(ବନ୍ଦନା ସେଠୀ)

ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ସମ୍ବିଧାନ-୭୫ ଲୋଗୋ ଉନ୍ମୋଚନ ଓ ବର୍ଷବ୍ୟାପୀ ସମତା ସ୍ୱରାଜ ସଂକଳ୍ପ ଅଭିଯାନ ପାଳନ ହେବ ବୋଲି ଘୋଷଣା କରାଯାଇଛି। ରାଷ୍ଟ୍ରୀୟ ଯୁବା ସଙ୍ଗଠନର ମାନସ ପଟ୍ଟନାୟକଙ୍କ ଆବାହକତ୍ୱରେ ମଙ୍ଗଳବାର ଲୋହିଆ ଏକାଡେମୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଦେଶକୁ ଗାନ୍ଧୀଙ୍କ ସ୍ୱରାଜ ଓ ଆମ୍ବେଡକରଙ୍କ ସମତାର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ପାଇଁ ସାମ୍ପ୍ରତିକ ପରିସ୍ଥିତିରେ ସମତା ସ୍ୱରାଜ ସଂକଳ୍ପ ଅଭିଯାନର ଆବଶ୍ୟକତା ରହିଛି। ଶେଷଧାଡ଼ିରେ ଥିବା ମଣିଷକୁ ଧ୍ୟାନରେ ରଖି ଯୋଜନା କରିବା ଦ୍ୱାରା ହିଁ ସମାଜରେ ଆମ୍ବେଡକରଙ୍କ ବିଚାରର ସମତା ପ୍ରତିଷ୍ଠା ହେବ। ପୁଞ୍ଜିପତି ଶ୍ରେଣୀ ତଥା ସାମ୍ରାଜ୍ୟବାଦ ବ୍ୟବସ୍ଥା ବିରୋଧରେ ଆଦିବାସୀ, ଦଳିତ, କୃଷକ ଏବଂ ଶ୍ରମିକମାନଙ୍କୁ ସଂଗଠିତ କରି ଗାନ୍ଧୀଙ୍କ ସ୍ୱରାଜ ସାକାର ରୂପ ନେଇ ସମାଜକୁ ସମୃଦ୍ଧ କରିହେବ ବୋଲି ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସାମାଜିକ କର୍ମୀ ଉଷାରାଣୀ ବେହେରା, ସର୍ବୋଦୟ କର୍ମୀ ରାବେୟା ବେଗମ ପ୍ରମୁଖ କହିଛନ୍ତି। ଏଥିସହ ଲିଙ୍ଗରାଜ ଆଜାଦଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ- ୭୫ ଓଡ଼ିଶା ରାଜ୍ୟ ସମିତିର ଗଠନ ଆସନ୍ତା ଫେବୃଆରୀରେ କଟକରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଗୁଡ଼ିରେ ପରିବେଶ ସୁରକ୍ଷା ବାର୍ତ୍ତା



ପୁରୁଣା ଭୁବନେଶ୍ୱର,୧୪।୧(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରକୃତି ବଞ୍ଚିଲେ, ସଭିଏଁ ବଞ୍ଚିବା। ଗଛ ଲଗାଅ, ପରିବେଶ ବଞ୍ଚାଅ। 'ବୃଦ୍ଧ, ବାଳକ, ନରନାରୀ, ପରିବେଶ ସୁରକ୍ଷା ଦାୟିତ୍ୱ ସବୁରି'। ମକର ପର୍ବ ପାଳନ ଅବସରରେ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀପଲ୍ଲୀ କନ୍ଦଲେଇର ବନବାସିନୀମାନେ ରଙ୍ଗବେରଙ୍ଗ ଗୁଡ଼ିରେ ଏପରି ବାର୍ତ୍ତା ଦେଇଛନ୍ତି। ସମ୍ପ୍ରତି ବିଶ୍ୱରେ ସୃଷ୍ଟି ହୋଇଥିବା ଜଳବାୟୁର ଜ୍ୱାଳାରୁ ବିଶ୍ୱବାସୀ କିପରି ଆଶ୍ୱସ୍ତି ଲାଭ କରିପାରିବେ ଏନେଇ ଜନସଚେତନତା ଉଦ୍ଦେଶ୍ୟରେ ସାରା ବିଶ୍ୱକୁ ଗୁଡ଼ିରେ ଦେଇଛନ୍ତି ସ୍ୱଚ୍ଛତା ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା। ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ଆୟୋଜିତ ପର୍ବ 'ମକର' କାର୍ଯ୍ୟକ୍ରମରେ ଅତିଥିଭାବେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ ଅନୁଷ୍ଠାନର ଏଭଳି ଉଦ୍ୟମ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଗୋପୀମୋହନ ପଟ୍ଟନାୟକ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଯୋଗଦେଇ ମକର ପର୍ବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

## ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଅଡିଟର୍ସ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୧ (ସୁଚିସ୍ମିତା ସାହୁ)




କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥି।

ଦେଶରେ ଲେଖା ପରୀକ୍ଷକ (ଅଡିଟର୍ସ) ମାନବ ସମ୍ବଳର ଅଭାବ ପୂରଣ ପାଇଁ ପୂର୍ବତନ ଲେଖା ପରୀକ୍ଷା ଅଧିକାରୀଙ୍କୁ ନେଇ ବିଭିନ୍ନ ରାଜ୍ୟରେ ମୋଟ ୧୯ଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଅଡିଟର୍ସ ଅଫ୍ ଇଣ୍ଡିଆର ଶାଖା ପ୍ରତିଷ୍ଠା କରାଯାଇଛି। ଦୁଇକୋଟି ଟଙ୍କା ବ୍ୟୟରେ ନିର୍ମିତ ଭୁବନେଶ୍ୱର ଶାଖା ରବିବାର ୟୁନିଟ-୬ଠାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଅଡିଟ୍ ଓ ଆକାଉଣ୍ଟସ ସେବାର ପୂର୍ବତନ ଅଧିକାରୀ ଅଶ୍ୱନୀ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଏମ୍‌ପି ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜ ସଂସଦୀୟ କ୍ଷେତ୍ର ଭୁବନେଶ୍ୱରରେ ଦେଶର ପ୍ରଥମ ଭାରତୀୟ ଲୋକ ଲେଖା ପରୀକ୍ଷକ ପ୍ରତିଷ୍ଠାନର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟନ କରିବାର ଅବସର ମିଳିଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେକରୁଥିବା ଷଡ଼ଙ୍ଗୀ କହିଥିଲେ। ଭାଜପା ସରକାର ସିଏଜି ରିପୋର୍ଟକୁ ଅନୁଧ୍ୟାନ କରିବା ସହ ଦର୍ଶାଯାଇଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଏହାର ନିରାକରଣ ପାଇଁ ପଦକ୍ଷେପ ନେଉଛନ୍ତି। ଅଧିକାରୀମାନେ ଦେଶର ଅଗମ୍ୟ ଅଞ୍ଚଳକୁ ଯାଇ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପକୁ ଅନୁଧ୍ୟାନ କରି ସରକାରଙ୍କୁ ଯେଉଁ ଅଡିଟ୍ ରିପୋର୍ଟ ପ୍ରଦାନ କରୁଛନ୍ତି, ସେଥିରେ ଦର୍ଶାଯାଇଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦ୍ୱାରା ଦେଶର ବିକାଶ ସୁଗମ ହୋଇପାରିବ ବୋଲି ସେ କହିଥିଲେ। ସଂସ୍ଥାର ସମ୍ପାଦକ ପ୍ରମୋଦ କୁମାର ମିଶ୍ର ପ୍ରତିଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ଉପସଭାପତି ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବସନ୍ତ କୁମାର ପ୍ରଧାନ, ବିଜୟ କୁମାର ପଟ୍ଟନାୟକ ଏବଂ ଅଶ୍ୱନୀ କୁମାର ମହାନ୍ତି ପରିଚାଳନା କରିଥିଲେ।

## ପକ୍ଷୀ ସୁରକ୍ଷା, ସଚେତନତା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୪।୧(ବନ୍ଦନା ସେଠୀ)

- ନୌକା ବିହାର ସହ ଚିଲିକାର ଅପରୂପ ଦୃଶ୍ୟ ଦେଖିଲେ ପ୍ରବାସୀ
- ଫ୍ଲେମିଙ୍ଗୋଙ୍କ ଦେହରେ ଲାଗିଲା ଜିଏସ୍‌ଏମ୍-ଜିପିଏସ ଟ୍ରାନ୍ସମିଟର ଟ୍ୟାଗ୍
- ୧୭ , ୧୮ରେ ଜଳ ପକ୍ଷୀଙ୍କ ବାର୍ଷିକ ଗଣନା



ଜାନୁଆରୀ ୬ରୁ ସପ୍ତାହ ବ୍ୟାପୀ ଚାଲିଥିବା '୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଚିଲିକା ହ୍ରଦର ପକ୍ଷୀଙ୍କ ଉପରେ ନଜର ରଖିବା ପାଇଁ ରାଜ୍ୟ ବନ୍ୟପ୍ରାଣୀ ବିଭାଗ, ଓଡ଼ିଶା ବନ ବିଭାଗ ଏବଂ ୱାଇଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ ମଧ୍ୟରେ ଏକ ଦୀର୍ଘମିଆଦି ସହଭାଗୀ ପ୍ରକଳ୍ପ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ଶହରୁ ଊର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବନ୍ୟପ୍ରାଣୀ ବିଶାରଦ, ଗବେଷକ ଓ ପକ୍ଷୀପ୍ରେମୀ ଯୋଗଦେଇଥିଲେ। ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳ ତଥା ରାଜ୍ୟରେ ପକ୍ଷୀ ସୁରକ୍ଷା ଉପରେ ଜନସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଜାନୁଆରୀ ୭ ଓ ୮ରେ ପୂର୍ବରୁ ନାମ ପଞ୍ଜୀକରଣ କରିଥିବା ପର୍ଯ୍ୟଟକଙ୍କୁ ଚିଲିକାରେ ନୌକାବିହାର ଓ ନଳବଣରେ ପକ୍ଷୀଙ୍କୁ ଦେଖିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏଥିସହ ଓଡ଼ିଶା ଆସିଥିବା ପ୍ରବାସୀ ଭାରତୀୟଙ୍କୁ ଅପରୂପା ଚିଲିକା ଭ୍ରମଣର ବ୍ୟବସ୍ଥା କରାଯାଇଥିଲା। ୮ରେ ଫରେଷ୍ଟ ପାର୍କ ଏବଂ ୧୦ ତାରିଖରେ ଆନନ୍ଦବନଠାରେ ଅନୁଷ୍ଠିତ ବାର୍ଡ ୱାକ୍‌ରେ ବହୁ ପକ୍ଷୀପ୍ରେମୀ, ଗବେଷକ ଓ ପକ୍ଷୀ ବିଶାରଦ ସାମିଲ ହୋଇଥିଲେ। ସେହିପରି ବରକୁଳଠାରେ ୧୦ ଓ ୧୧ ତାରିଖ ଦୁଇଦିନ ଧରି ସମ୍ମିଳନୀ ହୋଇଥିଲା। ଏଥିରେ ଚିଲିକା ଭ୍ରମଣ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା।

ଚିଲିକାରେ ପର୍ଯ୍ୟଟକଙ୍କ ଷ୍ଟାର ଆକର୍ଷଣ ସାଜିଥିବା ଗ୍ରେଟର ଫ୍ଲାମିଙ୍ଗୋମାନଙ୍କ ଗତିବିଧି ସମ୍ପର୍କରେ ଜାଣିବା ପାଇଁ ଓଡ଼ିଶା ବନ ବିଭାଗର ବନ୍ୟପ୍ରାଣୀ ମୁଖ୍ୟାଳୟ, ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆର ବୈଷୟିକ ସହାୟତା ସହ ବରିଷ୍ଠ ଅଧିକାରୀ ଡ. ଆର. ସୁରେଶ କୁମାରଙ୍କ ନେତୃତ୍ୱରେ ନଳବଣରୁ ୨ଟି ଗ୍ରେଟର ଫ୍ଲାମିଙ୍ଗୋଙ୍କୁ କାବୁ କରି ତାଙ୍କ ଦେହରେ ଟ୍ୟାଗ୍ ଲଗାଯାଇଛି। ୩୦ଗ୍ରାମ ଓଜନ ବିଶିଷ୍ଟ ଏହି ସୌରଚାଳିତ ଜିଏସ୍‌ଏମ୍-ଜିପିଏସ୍ ଟ୍ରାନ୍ସମିଟର ପ୍ରତି ୧୦ ମିନିଟରେ ପକ୍ଷୀଙ୍କ ଗତିବିଧି ସମ୍ପର୍କରେ ସୂଚନା ରେକର୍ଡ କରିବ। ଏହି ଡିଭାଇସ୍ ଶୀତ ଋତୁରେ ଚିଲିକାରେ ଫ୍ଲାମିଙ୍ଗୋସ୍‌ଙ୍କର ବସବାସ, ବାସସ୍ଥାନ, ବ୍ୟବହାର ଆଦି ସମ୍ପର୍କରେ ବୁଝିବାରେ ସହାୟକ ହେବ ଏବଂ ସେମାନଙ୍କର ସୁରକ୍ଷା, ବାସସ୍ଥାନ ପରିଚାଳନା ଆଦି ପାଇଁ ପ୍ରମାଣ-ଆଧାରିତ ନିଷ୍ପତ୍ତି ନେବାରେ ବିଭାଗକୁ ସହାୟତା କରିବ। ଏଥିସହ ଏହି ପକ୍ଷୀମାନେ କେଉଁଠାରୁ ଆସନ୍ତି ତାହାର ରହସ୍ୟ ମଧ୍ୟ ଉନ୍ମୋଚନ କରିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଜାନୁଆରୀ ୧୭ ଓ ୧୮ ଦୁଇଦିନ ଧରି ରାଜ୍ୟରେ ଜଳ ପକ୍ଷୀମାନଙ୍କର ବାର୍ଷିକ ଗଣନା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଞ୍ଚାୟତିରାଜ ସଚିବଙ୍କୁ ପତ୍ର

ବାଙ୍କୀ,୧୪।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତରେ ବହୁ ଅଯୋଗ୍ୟବ୍ୟକ୍ତିଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଚୂଡ଼ାନ୍ତ ତାଲିକାରେ ରହିଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି। ଏଥିରେ ବିଡିଓଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ସାମାଜିକ କର୍ମୀ ମନୋଜ କୁମାର ପଣ୍ଡା ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ବାଉଁଶପୁଟ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ଜଣାପଡ଼ିବା ପରେ ଉକ୍ତ ଘଟଣାର ତଦନ୍ତ ଦାବି ସହ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ସେଥିରେ ସାମିଲ କରିବା ପାଇଁ ଗତ ସେପ୍ଟେମ୍ବର ୨୮ରେ ବାଙ୍କୀ ବିଡିଓଙ୍କୁ ପଣ୍ଡା ଲିଖିତ ଭାବେ ଜଣାଇଥିଲେ। ମାତ୍ର ବିଡିଓ ଏହାର ତଦନ୍ତ କରିବା ପରିବର୍ତ୍ତେ ସେହି ତାଲିକାରେ ଥିବା ଅଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ସେମାନଙ୍କୁ ପ୍ରଥମ କିସ୍ତି ମଧ୍ୟ ପ୍ରଦାନ କରିଥିଲେ। ପୁନଶ୍ଚ ଏହି ଘଟଣାର ତଦନ୍ତ ଦାବିରେ ଗତ ଅକ୍ଟୋବର ୧୭ରେ ଜିଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ ହୋଇଥିଲା। ଏହାସତ୍ତ୍ୱେ ଗତ ୬ ତାରିଖରେ ବାଙ୍କୀ ବିଡିଓ ୩ବଖରା କୋଠା ଘର ଥିବା ହିତାଧିକାରୀଙ୍କ ସମେତ ବହୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଘର ମଞ୍ଜୁର କରିବା ସହ ପ୍ରଥମ କିସ୍ତି ପ୍ରଦାନ କରିଛନ୍ତି । ଏବେ ବିଡିଓ ମନସ୍ୱିନୀ ଦାସ ମାତୃତ୍ୱକାଳୀନ ଛୁଟିରେ ଥିବାରୁ ତାଙ୍କ ସ୍ୱାମୀ ଅଂଶୁମାନ ଦାସ ତଥା ଡମପଡ଼ା ବିଡିଓ ବାଙ୍କୀ ବ୍ଲକର ଦାୟିତ୍ୱ ନିର୍ବାହ କରୁଛନ୍ତି। ଇତିମଧ୍ୟରେ ବିଡିଓ ମନସ୍ୱିନୀଙ୍କ ବାଙ୍କୀ ବ୍ଲକରୁ ବଦଳି ନିର୍ଦ୍ଦେଶ ଆସିବା ପରେ ବିଡିଓ ଦାୟିତ୍ୱରେ ଥିବା ତାଙ୍କ ସ୍ୱାମୀ ତରବରିଆ ଭାବେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଘରର ପ୍ରଥମ କିସ୍ତି ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉପଯୁକ୍ତ ତଦନ୍ତ କରି ବାଉଁଶପୁଟ ପଞ୍ଚାୟତର ଅଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଅର୍ଥକୁ ବିଡିଓ ଅଂଶୁମାନ ଦାସଙ୍କଠାରୁ ଆଦାୟ କରାଯିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଣ୍ଡା ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଏନେଇ ବିଡିଓ ଅଂଶୁମାନଙ୍କ ମତାମତ ମିଳିପାରିନାହିଁ।

### କ୍ରିକେଟ୍: ଜେଏମ୍‌ସିସି କୋଲାର ଚାମ୍ପିୟନ

ନେମାଳ,୧୪।୧(କିରଣ ଶଙ୍କର ନାୟକ)

ନିଶ୍ଚିନ୍ତକୋଇଲି ବ୍ଲକ ଦୁଲୁପୁରସ୍ଥିତ ବିରିଖଳା ଖେଳପଡ଼ିଆରେ ନ୍ୟାଶନାଲ ସ୍ପୋର୍ଟିଂ କ୍ଲବ ବାବୁଜଙ୍ଗ ଆନୁକୂଲ୍ୟରେ ଏପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ତେଣ୍ଡାକୋଡ଼ାକୁ ହରାଇ ଜେଏମ୍‌ସିସି କୋଲାର ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଇଜାଜ୍ ଖାଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କଟକ ସଦର ୟୁନିୟନ ଡେଭଲପମେଣ୍ଟ ସଭାପତି ମନୋଜ ନାୟକ, ମୁଖ୍ୟବକ୍ତାଭାବେ ସମସେର ଅଲ୍ଲୀ, ସମ୍ମାନିତ ଅତିଥିଭାବେ ଇକ୍‌ବାଲ ଖାଁ, ଅନୁଷ୍ଠାନ ସଭାପତି ସାବୀର ଅଲ୍ଲୀ ଖାଁ, ଅବୁ ତାଲିବ୍ ଖାଁ, ବରିଷ୍ଠ ସଦସ୍ୟ ସାହାଜାନ୍ ଖାଁ, ବିଜୟ ନାୟକ, ଅଭିମନ୍ୟୁ ସାହୁ, ଉଦୟ ସାସମଲ, ସୁଦର୍ଶନ ଜେନା, ପ୍ରକାଶ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଟିମ୍‌କୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୩୦ ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ଦିଆଯାଇଥିଲା।

### ମା' ଫୁଲବତୀ ଠାକୁରାଣୀଙ୍କ ରୌପ୍ୟ ଜୟନ୍ତୀ ମହୋତ୍ସବ

ତ୍ରିଶୂଳିଆ,୧୪।୧(ତୁଷାରକାନ୍ତ ବେହେରା)

ଫୁଲପୋଖରୀସ୍ଥିତ ହରିଜନ ସାହିର ମା' ଫୁଲବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ପବିତ୍ର ମକର ସଂକ୍ରାନ୍ତି ବାର୍ଷିକ ମହୋତ୍ସବ ଉତ୍ସାହ ଉଦ୍ଦୀପନା ଓ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। ସକାଳୁ ସ୍ଥାନୀୟ ସାଂସ୍କୃତିକ ଦଳ ମେଳା ଓ ଭଜନ ପରିବେଷଣ କରିଥିଲେ। ଚଳିତବର୍ଷ ମା'ଙ୍କ ୨୫ତମ ଜୟନ୍ତୀ ଥିବାରୁ ବାହାରୁ ସାଂସ୍କୃତିକ ଦଳ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ପାତ୍ରପଡ଼ା ଗାୟକ ରମାକାନ୍ତ ଭୋଇ, ପଦାସାହିର ଅଜିତ ଭୋଇ ଓ ଭୋଟପଡ଼ା ବାସୁ ବାବାଙ୍କ ସାଂସ୍କୃତିକ ସଙ୍ଗଠନ ଭଜନ ପରିବେଷଣ କରିଥିଲେ। ମହୋତ୍ସବକୁ ସାହିର ମୁରବି ସୁରେନ୍ଦ୍ର ଭୋଇ, କେଳୁଚରଣ ଦାସ, ବଟକୃଷ୍ଣ ସାମଲ, ଜ୍ଞାନରଞ୍ଜନ କାଣ୍ଡି, ଗୁରୁବାରୀ ଭୋଇ, ରଞ୍ଜନ ସାମଲ, ରାଜୁ ନାୟକ ଓ ପ୍ରହ୍ଲାଦ ପତି ପ୍ରମୁଖ ପରିଚାଳନା କରିଥିଲେ।

# କଟ୍‌ନିଛଟ୍‌ନି ପ୍ରତିବାଦରେ ରାସ୍ତାରୋକୋ

## ଧାନମଣ୍ଡିରେ ଅବ୍ୟବସ୍ଥା

ମଙ୍ଗୁଳି-ଜଗତପୁର, ୧୪।୧(ମାନସ ସାମଲ)



ବିଶ୍ୱନାହାକାଣୀ ଛକରେ ଚାଷୀମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡଗାଁ ପଞ୍ଚାୟତ ହଳଦୀବସନ୍ତ ସମବାୟ ସମିତି ସମ୍ମୁଖ ମଣ୍ଡିରେ ମିଲର ଧାନ କଟ୍‌ନିଛଟ୍‌ନି କରୁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏହି ପ୍ରତିବାଦରେ ଶତାଧିକ ଚାଷୀ ଟାଙ୍ଗୀ-କପିଳାସ ରାସ୍ତାର ବିଶ୍ୱନାହାକାଣୀ ଛକରେ ମଙ୍ଗଳବାର ସାଢେ ୯ଟାରୁ ଟାୟାର ଜାଳି ପ୍ରାୟ ୫ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ।

ମିଳିଥିବା ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ୧୦ଜଣ ଚାଷୀ ଟୋକନ ପାଇବା ପରେ ସୋମବାର ଧାନ ନେଇ ମଣ୍ଡିକୁ ଯାଇଥିଲେ। ସେଠାରେ ଧାନର ଏଫ୍‌ଏକ୍ୟୁ ମାନ ପରୀକ୍ଷଣ ପାଇଁ ମେଶିନ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ପହଞ୍ଚିଥିଲା। ହେଲେ ଧାନର ମାନ ପରୀକ୍ଷାବେଳେ ମେଶିନ ଅଧାରୁ ଖରାପ ହୋଇଯାଇଥିଲା। ଅପରପକ୍ଷରେ ମିଲର କୁଇଣ୍ଟାଲ ପିଛା ୬କିଲୋ କଟାଯିବ ବୋଲି ମଙ୍ଗଳବାର କହିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ସେମାନେ ରାସ୍ତାରୋକୋ କରିଥିଲେ। ଖବରପାଇ ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର, ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟ ଓ କଟକ ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହିତ ଆଉ କଟ୍‌ନୀଛଟ୍‌ନୀ ନ କରାଯାଇ ଧାନ ମିଲର ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ସାଢେ ୨ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଲକ୍ଷ୍ମୀଧର ବେହେରା, ଲକ୍ଷ୍ମୀଧର ଜଟ, ହାଡିବନ୍ଧୁ ବେହେରା, ସଞ୍ଜୟ ପଲେଇ, ଘନଶ୍ୟାମ ସାହୁ, ବିବେକାନନ୍ଦ ସାମଲ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଚାଷୀ ରାସ୍ତାରୋକୋରେ ସାମିଲ ଥିଲେ।

# ମର୍କତନଗରରେ ସ୍ମାର୍ଟ ମିଟରକୁ ବିରୋଧ

କଟକ,୧୪।୧(କାର୍ତ୍ତିକ ସାହୁ)

ବିଦ୍ୟୁତ୍ ଯୋଗାଣ ପାଇଁ ଘରେ ଲାଗିଥିବା ମିଟର ଠିକ୍ ଚାଲୁଥିବା ସତ୍ତ୍ୱେ ତାହାକୁ ପରିବର୍ତ୍ତନ କରି ସ୍ମାର୍ଟ ମିଟର ଲଗାଇବାକୁ ମର୍କତନଗର ଉପଭୋକ୍ତାମାନେ ଦୃଢ଼ ବିରୋଧ କରିଛନ୍ତି। ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟଠାରେ ଉପସ୍ଥିତ ଏସ୍‌ଡିଓଙ୍କୁ ମର୍କତନଗର ଉପଭୋକ୍ତାମାନେ ଏ ବିଷୟରେ ଦୃଷ୍ଟି ଆକର୍ଷଣ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଭୋକ୍ତାଙ୍କୁ ପୂର୍ବରୁ ନ ଜଣାଇ ମିଟର ଲଗାଇବା, ମିଟର ଠିକ୍ ଚାଲୁଥିଲେ ମଧ୍ୟ ଖରାପ ହୋଇଯାଇଛି କହି ଆଭରେଜ ବିଲ୍ ଦାବି କରିବା, ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ସର୍ବସାଧାରଣଙ୍କୁ ଅବଗତ କରାଇବା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଏସ୍‌ଡିଓ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଯଦି ବିନା ଅନୁମତିରେ ବେଆଇନ ଭାବେ କିଛି ପଦକ୍ଷେପ ନିଆଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଉପଭୋକ୍ତାମାନେ କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ମହେନ୍ଦ୍ର କୁମାର ପଟ୍ଟନାୟକ, ଡ. ବିଷ୍ଣୁ ଚରଣ ସାହୁ, ଜ୍ଞାନରଞ୍ଜନ ଦାଶ, ଦେବେନ୍ଦ୍ର ସୂତାର, ନିରଞ୍ଜନ ପତି, ମନୋରଞ୍ଜନ ଦାସ, ସନ୍ତୋଷ କୁମାର ନନ୍ଦ, ପ୍ରମୋଦ କୁମାର ଷଡ଼ଙ୍ଗୀ, କୁଞ୍ଜ ବିହାରୀ ପଣ୍ଡା, ଦେବେନ୍ଦ୍ର ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଡମଡମଣୀ, ବଡ଼ବନ୍ଧିଆଣୀ ପୀଠରେ ମକର ମେଳା



ଡମଡମଣୀ ପୀଠରେ ଅନୁଷ୍ଠିତ ମକରମେଳାରେ ଶ୍ରଦ୍ଧାଳୁଙ୍କ ଗହଳି।

ଚୌଦ୍ୱାର/ଡିଗିରିଆ/ବାଙ୍କୀ ୧୪।୧ଆଶୁତୋଷ ଦାସ /ଜାଫର ଖାଁ /ଶୁଭେନ୍ଦୁ ମହାପାତ୍ର)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବେରେଣା ଗ୍ରାମ ନିକଟ ପାହାଡ ଓ ଜଙ୍ଗଲଘେରା ପରିବେଶରେ ପୂଜା ପାଉଥିବା ବନଦେବୀ ଡମଡମଣୀ ପୀଠରେ ପ୍ରସିଦ୍ଧ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୂଜାର୍ଚ୍ଚନା ଓ ମାନସିକ ପୂରଣ ପାଇଁ ସକାଳୁ ଦର୍ଶକଙ୍କ ସୁଅ ଛୁଟିଥିଲା। ପୀଠରେ ଦିନସାରା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଯୁବନେତା ଅଭୟ ବାରିକ ପ୍ରମୁଖ ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ହାତୀ ଭୟ ଥିବାରୁ ସନ୍ଧ୍ୟା ପୂର୍ବରୁ ପୀଠ ଛାଡ଼ି ଚାଲିଯିବାକୁ ବନ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଶ୍ରଦ୍ଧାଳୁଙ୍କୁ ସଜାଗ କରାଯାଇଥିଲା। ମେଳାରେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ରମାକାନ୍ତ ଜାରିକା, ହିନ୍ଦୁ ବିରୁଆ, ସୁଶାନ୍ତ ରାଉତ, ଜୟନ୍ତ କୁମାର ପାତ୍ର, ଅକ୍ଷୟ କୁମାର ବିଶ୍ୱାଳ, ରବୀନ୍ଦ୍ର ରାଉତ, ସୁବାସ ପ୍ରଧାନ, ହେମନ୍ତ ପାତ୍ରଙ୍କ ସମେତ କର୍ମକର୍ତ୍ତା ମେଳା ପରିଚାଳନା କରିଥିଲେ।

ଡିଗିରିଆ, ଆଠଗଡ଼ ଓ ବାଙ୍କୀ ବ୍ଲକର ମଧ୍ୟସ୍ଥଳରେ ଅବସ୍ଥିତ ମା'ବଡ଼ବନ୍ଧିଆଣୀଙ୍କ ପୀଠରେ ପ୍ରସିଦ୍ଧ ମକର ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ ପରେ୨୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ବାଙ୍କୀ ବ୍ଲକ ରତାଗଡ଼ ଗ୍ରାମରେ ପ୍ରବାହିତ ମହାନଦୀରୁ ଜଳ ଆଣି ମା'ଙ୍କ ପୀଠରେ ପହଞ୍ଚିଥିଲେ। ପରେ ମା'ଙ୍କ ପୀଠରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଛି। ମକର ସଂକ୍ରାନ୍ତି ଅବସରରେ ମା'ଙ୍କର ମହାସ୍ନାନ କରାଯିବା ସହ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ ଓ ଆହୁତି କରଣ ଆଦି କରାଯାଇଛି ବୋଲି ପଣ୍ଡିତ ନିରୋଦ ଦାଶଶର୍ମା ସୂଚନା ଦେଇଛନ୍ତି। ଏହି ମେଳାରେ ବହୁ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାତ୍ରା କମିଟି ଓ ଡିଗିରିଆ ଓ ବାଙ୍କୀ ପ୍ରଶାସନ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି କରାଯାଇଛି। ଏହି ଯାତ୍ରାର ପ୍ରଥମ ଦିବସରେ ଭାଜପା ନେତା ଅଭୟ ବାରିକ ଓ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ମା'ଙ୍କ ଆଶୀର୍ବାଦ ଲାଭ କରିଛନ୍ତି ।

# 'ଭାଷା ବିବାଦ ରଣକ୍ଷେତ୍ରରେ ଯୋଦ୍ଧା ଥିଲେ ଫକୀର ମୋହନ'



ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଉତ୍କଳ ସାହିତ୍ୟ ସମାଜ ଅନୁଷ୍ଠାନର ସଦସ୍ୟମାନେ।

କଟକ,୧୪।୧(କାର୍ତ୍ତିକ ସାହୁ)

କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଖାନ୍‌ନଗରସ୍ଥିତ କାଳୀଭବନରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ତରୁଣ କୁମାର ସାହୁ ଓ ସମ୍ମାନିତ ଅତିଥି ତ୍ରିବେଣୀ ଭୋଳ ଯୋଗଦେଇ କହିଛନ୍ତି ଓଡ଼ିଆ ଭାଷାର ସୁରକ୍ଷା ଏବଂ ଅଭିବୃଦ୍ଧି ପାଇଁ ଫକୀର ମୋହନ ଭାଷା ବିବାଦର ରଣକ୍ଷେତ୍ରରେ ଜଣେ ଯୋଦ୍ଧା ରୂପେ ଅବତୀର୍ଣ୍ଣ ହୋଇଥିଲେ। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅନୁଷ୍ଠାନ ପରିସରରେ ପାଳିତ ହୋଇଛି। ବ୍ୟାସକବିଙ୍କ ସମେତ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଫକୀରମୋହନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ମୁରଲୀଧର ଶତପଥୀ ଧନ୍ୟବାଦ ଦେଇଥିଲେ। ସେହିପରି ଉତ୍କଳ ସନ୍ତାନ ଓ ଓଡ଼ିଶା ନବନିର୍ମାଣ ବିକାଶମଞ୍ଚ ପକ୍ଷରୁ ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଥିଲା। ବନ୍ଦେ ଉତ୍କଳ ଅନୁଷ୍ଠାନ ପକ୍ଷରୁ ବଙ୍ଗାଳି ସାହିସ୍ଥିତ ମା' ଶାରଳା ସଦନରେ ବ୍ୟାସକବି ଫକୀର ମୋହନ ସେନାପତି ଓ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ଅନ୍ନଦା ପ୍ରସାଦ ରାୟଙ୍କ ଜୟନ୍ତୀ ପାଳିତ ହୋଇଥିଲା।

# ମାଞ୍ଜାସୂତା ଲାଗି ୪ ଆହତ

କଟକ,୧୪।୧(କାର୍ତ୍ତିକ ସାହୁ/ଶିଳ୍ପା ପ୍ରିୟଦର୍ଶିନୀ)

କମିଶନରେଟ୍ ପୋଲିସର କଟକଣା ସତ୍ତ୍ୱେ ଗୁଡ଼ିରେ ମାଞ୍ଜାସୂତା ବ୍ୟବହାରକୁ ରୋକାଯାଇପାରିନାହିଁ। ଗୁଡ଼ିଉଡାର ପର୍ବ ମକର ସଂକ୍ରାନ୍ତିରେ ମଙ୍ଗଳବାର ଅଘଟଣ ଘଟିଛି। ମାଞ୍ଜାସୂତା ଲାଗି ୪ ଜଣ ଆହତ ହୋଇଛନ୍ତି। କଟକ ନୂଆବଜାର ରେଲ୍‌ୱେ ଓଭରବ୍ରିଜ ଉପରେ ବାଇକ୍‌ରେ ଯାଉଥିବାବେଳେ ପ୍ଲାଷ୍ଟିକ ଚାଇନା ସୂତା ଦୁଇ ବାଇକ ଆରୋହୀଙ୍କ ବେକରେ ଲାଗିଥିଲା। କଟକ ୪୨ ମୌଜା ଅଞ୍ଚଳର ଜୟନ୍ତ ବାରିକଙ୍କ ବେକ ଓ ଆଙ୍ଗୁଠି କଟିଛି। ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି। ସେହିପରି ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ଗୋବିନ୍ଦ ଜେନାଙ୍କ ନାକରେ ଆଘାତ ଲାଗିଛି। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଶିଖରପୁରଠାରେ ଜଣେ ଗାଡ଼ି ଚାଳକଙ୍କ ବେକରେ ମାଞ୍ଜାସୂତା ଲାଗିଯିବାରୁ ସେ ଆହତ ହୋଇଛନ୍ତି। ସେହିପରି ରାଣୀହାଟ ନିକଟରେ ମାଞ୍ଜାସୂତା ଲାଗି ଜଣେ ବ୍ୟକ୍ତିଙ୍କ ବେକ ଓ ଆଙ୍ଗୁଠିରେ ଆଘାତ ଲାଗିଛି। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଗୁଡ଼ି ଦୋକାନଗୁଡିକରେ ଚଢ଼ାଉ କରାଯାଇଥିଲେ ମଧ୍ୟ ମାଞ୍ଜାସୂତା ଜବତ କରାଯାଇ ନ ଥିବା ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି।

# ଧବଳେଶ୍ୱରଙ୍କୁ ଲାଗିହେଲା ମକର ଭୋଗ

ଖୁଣ୍ଟୁଣୀ,୧୪।୧(ସଚ୍ଚିଦାନନ୍ଦ ପଣ୍ଡା)



ମକର ସଂକ୍ରାନ୍ତିରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଥିଲା। ଭୋର ୪ଟାରେ ମନ୍ଦିରର ଦ୍ୱାର ଫିଟାଯାଇ ଠାକୁରଙ୍କ ନୀତିକାନ୍ତି ସହ ସ୍ୱତନ୍ତ୍ର ବେଶ କରାଯିବା ପରେ ବାଳଭୋଗ ନୀତି ସମ୍ପନ୍ନ ହୋଇଥିଲା। ଭୋର ୫ଟାରେ ମନ୍ଦିରର ଦ୍ୱାର ଖୋଲାଯିବା ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିଥିଲେ। ସକାଳ ନୀତି ପରେ ମଧ୍ୟାହ୍ନ ୧୨ଟାରେ ଠାକୁରଙ୍କୁ ସ୍ୱତନ୍ତ୍ର ମକର ଭୋଗ ଲାଗି କରାଯାଇଥିଲା। ଧବଳେଶ୍ୱର ମନ୍ଦିରର ଏହି ମକର ଭୋଗ ଅନ୍ୟ ମନ୍ଦିରଠାରୁ ଭିନ୍ନ। ଏହି ମକର ଭୋଗ ବଡ଼ପଣ୍ଡାଙ୍କ ଘରୁ ଆସି ଧବଳେଶ୍ୱରଙ୍କ ନିକଟରେ ଲାଗି କରାଯାଇଛି। ପରେ ଏହାକୁ ଭକ୍ତଙ୍କୁ ବଣ୍ଟନ କରାଯାଇଥିବା ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି କହିଛନ୍ତି। ଅପରାହ୍ନ ୨ଟାରେ ମାତା ପାର୍ବତୀ ଓ ବାବା ଚନ୍ଦ୍ରଶେଖରଙ୍କୁ ସୁସଜ୍ଜିତ ବିମାନରେ ମନ୍ଦିର ବେଢ଼ା ପରିକ୍ରମା କରାଯାଇଥିଲା। ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ୧ପ୍ଲାଟନ ଫୋର୍ସ ମୁତୟନ ହୋଇଥିଲେ। ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ଓ ଧବଳେଶ୍ୱର ବିଟ୍ ଅଧିକାରୀ ଗିରିଶ ମହାନ୍ତି ପୀଠରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ମାଜିଷ୍ଟ୍ରେଟ ଭାବେ ଆଠଗଡ଼ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

# ଆଜି ଏସ୍‌ସିବିରେ ଖୋଲିବ ଆଉ ଏକ ନିରାମୟ କେନ୍ଦ୍ର

## ୬ ବହିଃବିଭାଗରେ ରୋଗୀ ସହଜରେ ପାଇବେ ଔଷଧ

କଟକ,୧୪।୧(ଶିଳ୍ପା ପ୍ରିୟଦର୍ଶିନୀ)




ଏସ୍‌ସିବି ମେଡିକାଲର ବହିଃବିଭାଗରେ ନିରାମୟ କେନ୍ଦ୍ର ସୁବିଧା କରାଯାଇଛି। ପୂର୍ବରୁ ମେଡିକାଲର ମାନସିକ ରୋଗ ବିଭାଗ ନିକଟ ନିରାମୟ କେନ୍ଦ୍ର ସମେତ ଅନ୍ୟ ୫ଟି ନିରାମୟ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ନୂତନ ଭାବେ ଆଉ ଏକ ନିରାମୟ କେନ୍ଦ୍ର ଚକ୍ଷୁ ବହିଃବିଭାଗ ନିକଟରେ ଖୋଲିବ। ମାନସିକ ରୋଗ ବିଭାଗ ନିକଟସ୍ଥ ବହିଃବିଭାଗକୁ ବାଦ୍ ଦେଲେ ଅନ୍ୟ ୬ଟି ନିରାମୟ କେନ୍ଦ୍ରକୁ ବିଭିନ୍ନ ବିଭାଗର ଔଷଧ ନିମନ୍ତେ ବିଭକ୍ତ କରାଯାଇଛି। ଏପରି କି ୬ଟି ନିରାମୟ କେନ୍ଦ୍ରରେ ବିଭିନ୍ନ ବିଭାଗର ନାମଫଳକ ଲଗାଯାଇଛି। ଫଳରେ ରୋଗୀ ଏଣେତେଣେ ନ ଯାଇ ଯେଉଁ ଓପିଡ଼ିରେ ଡାକ୍ତର ଦେଖାଇବେ ନିକଟସ୍ଥ ନିରାମୟରୁ ଔଷଧ ନେଇପାରିବେ। ଏହି ବ୍ୟବସ୍ଥା ଜାନୁଆରୀ ୧୫ ବୁଧବାରଠାରୁ କାର୍ଯ୍ୟକାରୀ ହେବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ୧ ନମ୍ବର ପୁରୁଣା ବହିଃବିଭାଗ ନିରାମୟ କେନ୍ଦ୍ରରେ କାନ, କ୍ଲିନିକାଲ ହେମାଟୋଲୋଜି, ରୁମାଟୋଲୋଜି, ଏଆରଭି କ୍ଲିନିକ ଆଣ୍ଡ୍ ଇମ୍ୟୁନାଇଜେସନ ରୋଗର ଔଷଧ ମିଳିବ। ସେହିପରି ୨ ନମ୍ବର ସ୍ତ୍ରୀ ଓ ପ୍ରସୂତି ବିଭାଗ ନିକଟ ନିରାମୟ କେନ୍ଦ୍ରରେ ଉକ୍ତ ବିଭାଗର ଔଷଧ ମିଳିବ। ୩ ନମ୍ବର ଆର୍‌ଡିସି ନିରାମୟ କେନ୍ଦ୍ରରେ ଟ୍ରମା, ନନ୍‌ଟ୍ରମା, ସର୍ଜରି, ଅର୍ଥୋପେଡିକ୍, ପେଡିଆଟ୍ରିକ୍, ମେରୁଦଣ୍ଡ ଆଘାତ ଚିକିତ୍ସା ବିଭାଗର ଔଷଧ ମିଳିବ। ୪ ନମ୍ବର ନିରାମୟ କେନ୍ଦ୍ରରେ ୟୁରୋଲୋଜି, ଚକ୍ଷୁ, ନେଫ୍ରୋଲୋଜି, ହେପାଟୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଗ୍ୟାଷ୍ଟ୍ରୋସର୍ଜରି, ନ୍ୟୁରୋସର୍ଜରୀ, ପ୍ଲାଷ୍ଟିକ ସର୍ଜରି, ଏଣ୍ଡୋକ୍ରାଇନୋଲୋଜି, ଏଣ୍ଡୋକ୍ରାଇନ ସର୍ଜରି, ଯକୃତ ପ୍ରତିରୋପଣ ବିଭାଗର ଔଷଧ ମିଳିବ। ୫ ନମ୍ବର ରାଣୀହାଟ ଓପିଡି ନିରାମୟ କେନ୍ଦ୍ରରେ ନ୍ୟୁରୋଲୋଜି, ଚର୍ମ ଓ ଯୌନ, ପଲମୋନାରି ମେଡିସିନ, ରେସ୍ପିରୋଟାରୀ ମେଡିସିନ ଏବଂ ୬ ନମ୍ବର ନିରାମୟ କେନ୍ଦ୍ରରେ ହୃଦ୍‌ରୋଗ ଓ ସିଟିଭିଏସ୍ ବିଭାଗର ଔଷଧ ମିଳିବ। ଏନେଇ ମେଡିକାଲ କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି, ପ୍ରତିଦିନ ମେଡିକାଲକୁ ଶତାଧିକ ରୋଗୀ ଆସି ଡାକ୍ତର ଦେଖାଇ ଔଷଧ ନେବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ନଜରରେ ରଖି ମେଡିକାଲ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଛି। ପ୍ରଥମେ ବହିଃବିଭାଗରେ ଏଭଳି ବ୍ୟବସ୍ଥା ଏବଂ ଆଗାମୀଦିନରେ ଇନ୍‌ଡୋର ରୋଗୀଙ୍କ ପାଇଁ ସୁବିଧା ଉପଲବ୍ଧ ହେବ।

## ଫଟୋରେ ଖବର



କଟକ ସିଡିଏ ନେତାଜୀ ସେତୁ ପାର୍ଶ୍ୱରେ ଥିବା ଗାନ୍ଧୀ ସ୍ମାରକୀ ପାର୍କ ପରିସରରେ ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।




କଟକ ଦୋଳମୁଣ୍ଡାଇସ୍ଥିତ ଶ୍ରୀ ଶ୍ରୀ ପତିତପାବନଜୀଉ ମନ୍ଦିରଠାରେ ନିଖିଳ ଉତ୍କଳ ସଂଗୀତ ଶିଳ୍ପୀ ପରିଷଦର ବାର୍ଷିକ ଅଖଣ୍ଡ ଭଜନ ଓ ସମ୍ମାନ ପ୍ରଦାନ ଉତ୍ସବରେ ଗୀତିକାର ଶୀର୍ଷାନନ୍ଦ ଦାଶକାନୁନ୍‌ଗୋଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ କରାଯାଉଛି।

### ମା' ବାଉତିଙ୍କ ଅଷ୍ଟାଦଶ ବାର୍ଷିକୋତ୍ସବ

ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ମା'ବାଉତି ଠାକୁରାଣୀଙ୍କ ଅଷ୍ଟାଦଶ ବାର୍ଷିକ ଉତ୍ସବ ବାଉତି କ୍ଲବର ସଭାପତି ବାବି ସ୍ୱାଇଁ ଏବଂ ସମ୍ପାଦକ ଟୁଲିଆ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଯଜ୍ଞ କାର୍ଯ୍ୟ କରାଯିବା ସହ କଳସ ଶୋଭାଯାତ୍ରା ହୋଇଥିଲା। କର୍ତ୍ତାଭାବେ ରବି ନାରାୟଣ ଚମ୍ପତି ଏବଂ ଭବାନୀ ଚମ୍ପତି ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଜଗନ୍ନାଥ ମିଶ୍ର ଏବଂ ଲକ୍ଷ୍ମୀଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ। ସୁକାନ୍ତ ପ୍ରଧାନ, ସୁରେଶ ଶୁକ୍ଳ, ତପନ ପ୍ରହରାଜ, ରାଉଳ ମହାରଣା ଏବଂ ମାଧବ ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମା'ଉଗ୍ରତାରାଙ୍କ ଲକ୍ଷ୍ମୀବେଶ



ନିରାକାରପୁର,୧୪ା୧(ମାନସ ଚନ୍ଦ୍ର ପଟ୍ଟନାୟକ): ମକର ସଂକ୍ରାନ୍ତି ଅବସରରେ ମଙ୍ଗଳବାର ମା'ଉଗ୍ରତାରା ଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରତ୍ୟୁଷରୁ ଅଗୁର, କର୍ପୂର, ଚୁଆ, ଚନ୍ଦନରେ ମିଶ୍ରିତ ସୁଶୀତଳ ଜଳରେ ମା'ଙ୍କୁ ସ୍ନାନ ସହ ନୂତନ ବସ୍ତ୍ର ପରିଧାନ ପୂର୍ବକ ଲକ୍ଷ୍ମୀବେଶରେ ସଜ୍ଜିତ ହୋଇଥିଲେ। ସକାଳ ବାଲଧୂପରେ ମା'ଙ୍କୁ ଚୁଡ଼ାଘସା, ଖଇ, କୋରା ସହ ବିଭିନ୍ନ ଫଳ ଅର୍ପଣ କରାଯାଇଥିବା ବେଳେ ଦ୍ୱିପ୍ରହର ଧୂପରେ ଅନ୍ନପ୍ରସାଦ ଅର୍ପଣ କରାଯାଇଥିଲା। ସନ୍ଧ୍ୟାଧୂପରେ ମକର ଚାଉଳ ଅର୍ପଣ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ମା'ଙ୍କର ଏହି ଦୁର୍ଲଭ ବେଶ ଦର୍ଶନ କରିଥିଲେ। ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ବିନୋଦ ପରିଡାଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

### କୁମ୍ଭିଲ ସେମିଫାଇନାଲରେ

ବେଗୁନିଆ,୧୪ା୧
(ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ମା'ତାରିଣୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ କୁମ୍ଭିଲ ଏବଂ ପାଣିଓରା କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୮-୭ ଗୋଲରେ କୁମ୍ଭିଲ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସାଗିର ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମିଥୁନ ପରିଡ଼ା ଏବଂ ପ୍ରକାଶ ନାୟକ ସହଯୋଗ କରିଥିଲେ। ବୁଧବାର ଓଡ଼ାପଡ଼ା ଏବଂ ବାଙ୍କୀ ଫୁଟ୍‌ବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ଗଙ୍ଗପଡ଼ାକୁ ହରାଇ ପୋଡ଼ପଡ଼ା ବିଜୟୀ

ଯାଁଳା,୧୪ା୧(ବୁଲା ବାରିକ):

ଜଟଣୀ ବ୍ଲକ୍ ଗଙ୍ଗପଡ଼ା ପଞ୍ଚାୟତ ଅଧୀନ ଗ୍ରାମଡ଼ିହ ଉତ୍କଳ କେଶରୀ କ୍ଲବ୍ ଆନୁକୂଲ୍ୟରେ ୨୪ତମ ଗ୍ରାମଡ଼ିହ ଫୁଟ୍‌ବଲ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ଟାଇବ୍ରେକରରେ ଗଙ୍ଗପଡ଼ାକୁ ୧-୦ ଗୋଲରେ ହରାଇ ପୋଡ଼ପଡ଼ା ବିଜୟୀ ହୋଇଛି। ଅଜୁ ଦାସ, ଅବିଂ ଲାୟନ୍ସ, ଦୁଷ୍ମନ୍ତ ପ୍ରଧାନ, କାହ୍ନୁ ପ୍ରଧାନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିଭାବେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ବିଜେଡି ନେତା ମନ୍ମଥ ରାଉତରାୟ, ଗଙ୍ଗପଡ଼ା ସରପଞ୍ଚ ସୁଧାଂଶୁ ଶେଖର ମହାରଣା, କ୍ଲବ ସଭାପତି ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

## କାଳିଜାଈ ପୀଠରେ ମକରମେଳା

କୃଷ୍ଣପ୍ରସାଦ/ବାଲୁଗାଁ,୧୪ା୧
(କୈଳାସ ଚନ୍ଦ୍ର ପଟ୍ଟନାୟକ/ସଂଗ୍ରାମ ପାଇକରାୟ)



ଚିଲିକାର ଅଧିଷ୍ଠାତ୍ରୀ ମା'କାଳିଜାଈଙ୍କ ପୀଠରେ ମଙ୍ଗଳବାର ମକରମେଳା ମହୋତ୍ସବ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ମେଳାରେ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ମଧ୍ୟାହ୍ନରେ ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମର୍ଦ୍ଦରାଜ ମାନସିଂହ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ। ଘଣ୍ଟଘଣ୍ଟା, ଢୋଲ, ଭେରି, ତୁରି, ମହୁରି ଓ କାହାଳି ଆଦି ଧ୍ୱନିରେ ତାଙ୍କୁ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ମା'ଙ୍କ ପୀଠରେ ଯୁବରାଜ ଛେରାପହଁରା କରିବା ସହ ମା 'ଙ୍କୁ ପୂଜାର୍ଚ୍ଚନା ଏବଂ ମକର ଭୋଗ ଲାଗି କରିଥିଲେ। ଏହି ଅବସରରେ ଉପସ୍ଥିତ ଶତାଧିକ ମତ୍ସ୍ୟଜୀବୀ ମା'ଙ୍କ ଆଶୀର୍ବାଦ କାମନାକରି ନିଜ ନିଜ ଡଙ୍ଗାରେ ବିଜୟ ବାନା ଉଡ଼ାଇଥିଲେ। ଦିନତମାମ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସମାରୋହ ହୋଇଥିଲା। ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା କରାଯାଇଥିଲା। ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ଦିନତମାମ ବାଲୁଗାଁ ଚିଲିକା କୂଳସ୍ଥିତ କାଳିଜାଈ ବୋଟ୍ ଆସୋସିଏଶନ, ସରକାରୀ ଲଞ୍ଚ, ବଡ଼କୁଳସ୍ଥିତ ମା'କାଳିଜାଈ ଡଙ୍ଗା ମାଲିକ ସଂଘ ଏବଂ ଓଟିଡିସି ପକ୍ଷରୁ ଯାତ୍ରୀ ପରିବହନ ନିମନ୍ତେ ଆବଶ୍ୟକ ସଂଖ୍ୟକ ଡଙ୍ଗା ସହ ବୋଟ୍ ବ୍ୟବସ୍ଥା କରାଯାଇଥିଲା। ଚିଲିକାରେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଓଡ୍ରାଫ ଟିମ୍, ଅଗ୍ନିଶମ କର୍ମଚାରୀ ଏବଂ ନୌସେନା ବିଭାଗ ପଇଁତରା ମାରିବା ସହ ନଜର ରଖିଥିଲେ। ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଚିଲିକା କୂଳ ଏବଂ ବଡ଼କୁଳ ପାନ୍ଥନିବାସଠାରେ ପୋଲିସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ସେହିପରି ବାଲୁଗାଁ ନିକଟ ମା'ମେଘାମ୍ବରୀ ପୀଠ, ମା'ନାରାୟଣୀ, ମାଳ ତାରିଣୀ, ମା'ବିରଜାଈ, ମା'ଖିଲାମୁଣ୍ଡା ଓ ମହାବୀରଙ୍କ ପୀଠରେ ମକରମେଳା ପାଳିତ ହୋଇଯାଇଛି । ସମସ୍ତ ପୀଠରେ ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ ମୁତୟନ ହୋଇଥିଲେ।



ଅତ୍ରି ମକର ମହୋତ୍ସବ ଅବସରରେ ମଙ୍ଗଳବାର ପର୍ଯ୍ୟଟକମାନେ ସ୍ନାନ କୁଣ୍ଡରେ ଗାଧୋଉଛନ୍ତି।

## ମକର ମହୋତ୍ସବ ପାଇଁ ଗଣଦୌଡ଼

ବେଗୁନିଆ,୧୪ା୧
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଅତ୍ରିରେ ମଙ୍ଗଳବାର ଆରମ୍ଭ ହୋଇଛି ମକର ମହୋତ୍ସବ। ଏହି ଅବସରରେ ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଗଣଦୌଡ଼ ପ୍ରତିଯୋଗିତା ହୋଇଥିଲା। ସ୍ଥାନୀୟ ବାମଡିହ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଅତ୍ରି ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାକୁ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟା ନିବେଦିତା ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୨୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମହିଳା ବିଭାଗରୁ ସବ୍‌ନମ ଆଫ୍ରୋଜ୍ ପ୍ରଥମ, ସସ୍ମିତା ବେହେରା ଦ୍ୱିତୀୟ ଏବଂ ସନ୍ଧ୍ୟାରାଣୀ ପରିଡ଼ା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ପୁରୁଷ ବିଭାଗରେ ଜଗନ୍ନାଥ ବେହେରା ପ୍ରଥମ, ପ୍ରଫୁଲ୍ଲ କୁମାର ସାହୁ ଦ୍ୱିତୀୟ ଏବଂ ଚିନ୍ମୟ କୁମାର ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଏସ୍‌ପି ସାଗରିକା ନାଥ ଏବଂ ବିଧାୟକ ସାହୁ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ଗଣଦୌଡ଼ରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ଅତ୍ରି ମକର ମହୋତ୍ସବ ଆରମ୍ଭ




ମକର ମହୋତ୍ସବ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଅନ୍ୟ ଅତିଥି।

ବାଘମାରୀ,୧୪ା୧(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ବିଜେଡି ନେତା ମନ୍ମଥ ରାଉତରାୟ ମୁଖ୍ୟବକ୍ତା, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ କୁମାର ବିଶି, ଶିକ୍ଷାବିତ୍ ସୟଦ ଉଲ୍‌ହକ, ଡ. ଗଣେଶ୍ୱର ସ୍ୱାଇଁ, ସମିତିସଭ୍ୟ ନବନିତା ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସାମାଜିକ କର୍ମୀ ସନ୍ତୋଷ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ମନେରଖିବା ପାଇଁ ଓଡ଼ିଶୀ, ଲୋକନାଟ୍ୟ ଘୁଡୁକି, ସମ୍ବଲପୁରୀ ନୃତ୍ୟ, ମଡର୍ନ ଡ୍ୟାନ୍ସ ଆଦି ପରିବେଷଣ ହୋଇଥିଲା, ଯାହାକି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଶିକ୍ଷକ ପ୍ରଫୁଲ୍ଲ କୁମାର ଦେହୁରୀଙ୍କ ସ୍ୱର ସଂଯୋଜନାରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ କାର୍ଯ୍ୟକ୍ରମକୁ ଗୋପୀନାଥ ସେଠୀ ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମା'ବୁଢ଼ୀ ଭୂୟାଁଣୀଙ୍କ ୫ମ ବାର୍ଷିକ ମକର ଉତ୍ସବ

ବୋଲଗଡ଼,୧୪ା୧(ଦେବବ୍ରତ ହୋତା)

ବୋଲଗଡ଼ ନିକଟ ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ମା'ବୁଢ଼ୀ ଭୂୟାଁଣୀ ଦେବୀଙ୍କ ପଞ୍ଚମ ବାର୍ଷିକ ମକର ଉତ୍ସବ ମଙ୍ଗଳବାର ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମା'ବୁଢ଼ୀ ଭୂୟାଁଣୀ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମା'ଙ୍କ ମନ୍ଦିରରେ ପ୍ରାତଃରୁ ଅଧିବାସ ଓ ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ମା'ଙ୍କ ନିକଟରେ ମକର ଚାଉଳ ଓ ଚସୁମି ଭୋଗ ଲାଗି କରାଯାଇଥିଲା। ସଂକୀର୍ତ୍ତନ ଓ ନାମମେଳା ପରିବେଷଣ ହୋଇଥିବା ବେଳେ ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ରଘୁନାଥ ଦଳବେହେରା, ଗୌରାଙ୍ଗ ଚମ୍ପତିଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ।

### ବିଭିନ୍ନ ସ୍ଥାନରେ ମକର ମେଳା

ବାଣପୁର, ୧୪ା୧ (ଦିଲୀପ କୁମାର ସ୍ୱାଇଁ)

ବାଣପୁରର ଐତିହାସିକ ଘଣ୍ଟଶିଳା ପାହାଡ଼ସ୍ଥିତ ଶ୍ରୀରାମ ମନ୍ଦିର ଓ ହନୁମାନ ମନ୍ଦିର, ମାଳ ଅଞ୍ଚଳରେ ଅବସ୍ଥିତ ମା' ବିରଜାଈ, ଶ୍ରୀ ବାଙ୍କନିଧି ଦେବ, ବାବା ଗୁପ୍ତେଶ୍ୱର, ଶ୍ରୀସୋମନାଥ ଦେବ, ମା'ପାଣ୍ଡବାଶୁଣୀ, କପିଳେଶ୍ୱର ଦେବଙ୍କ ପୀଠ ସମେତ ଗଛ ବାଲୁଙ୍କେଶ୍ୱରଙ୍କ ପୀଠରେ ମକର ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୀଠରେ ଭକ୍ତଙ୍କ ପ୍ରବଳ ଗହଳି ରହିଥିଲା। ବାଣପୁର ବାଲୁଗାଁ ରାସ୍ତାରେ ଅବସ୍ଥିତ ମା' ମେଘାମ୍ବରୀଙ୍କ ପୀଠରେ ଅନୁଷ୍ଠିତ ମକର ମେଳାରେ ଶତାଧିକ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହିତ ମକର ପ୍ରସାଦ ସେବନ କରିଥିଲେ। ଏ ଅବସରରେ ମା' ମେଘାମ୍ବରୀ ସାଂସ୍କୃତିକ ପରିଷଦ ପକ୍ଷରୁ ସଂକୀର୍ତ୍ତନ ହୋଇଥିବା ବେଳେ ରାତିରେ ମନ୍ଦିର ପରିସରରେ ଭେଷରୀ ଗ୍ରାମର ଓଁ ଶ୍ରୀ ମା'ପାଦୁକାୟୀ ଯୁବ ନାଟ୍ୟ ସଂସଦ ପକ୍ଷରୁ ସାମାଜିକ ନାଟକ ପରିବେଷଣ ହୋଇଥିଲା। ବାଣପୁରର ଆରାଧ୍ୟ ରଙ୍ଗନାଥ ଦେବ ମକର ଚୋରାଅଶି ବେଶରେ ଭକ୍ତଙ୍କୁ ଦର୍ଶନ ଦେବା ସହ ମକର ଚାଉଳ ଲାଗି ହୋଇଥିଲା। ସେହିପରି ଦକ୍ଷେଶ୍ୱର ମନ୍ଦିରରୁ ଚାରୋଟି ମକର ତାଡ ମା'ଭଗବତୀଙ୍କ ନିକଟରେ ଲାଗି ହୋଇଥିଲା।

## ସେବା ଯୋଗାଉଛି ବାଇକ୍ ଆମ୍ବୁଲାନ୍ସ

ଖୋର୍ଦ୍ଧା,୧୪ା୧(ପ୍ରଭାତ ପାଣିଗ୍ରାହୀ)

ଅତ୍ରିସ୍ଥିତ ଶ୍ରୀହଟକେଶ୍ୱରଙ୍କ ପୀଠରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ମକର ମେଳା। ଏଥିସହିତ ଉଷ୍ଣପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ଦୋକାନ ବଜାର ଖୋଲିଥିବା ବେଳେ ଶତାଧିକ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ଏହାରି ମଧ୍ୟରେ ଲୋକଙ୍କୁ ସେବା ଯୋଗାଉଛି ବାଇକ୍ ଆମ୍ବୁଲାନ୍ସ। ଭିଡ଼ରେ ଆହତଙ୍କୁ ଉପଯୁକ୍ତ ସେବା ଯୋଗାଉଛନ୍ତି ବାଇକ୍ ଆମ୍ବୁଲାନ୍ସ ଚାଳକ ପ୍ରଦୀପ୍ତ ବିଶ୍ୱାଳ। ସକାଳ ୭ରୁ ରାତି ୧୦ଟା ପର୍ଯ୍ୟନ୍ତ ଏକାଧିକ ଲୋକଙ୍କୁ ସେବା ଯୋଗାଇଛନ୍ତି ପ୍ରଦୀପ୍ତ। ବରିଷ୍ଠ ନାଗରିକଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ସହ ଆହତଙ୍କୁ ମେଡିକାଲରେ ପହଞ୍ଚାଉଛନ୍ତି। ଭିଡ଼ରେ ବାଇକ୍ ଆମ୍ବୁଲାନ୍ସ ହର୍ନ ବାଜିଲେ ଲୋକେ ରାସ୍ତା ଛାଡ଼ି ଦେଉଥିବା ଦେଖିବାକୁ ମିଳିଛି। ୫ଦିନ ବ୍ୟାପି ମକର ମହୋତ୍ସବ ଏବଂ ମାଘ ସପ୍ତମୀ ପର୍ଯ୍ୟନ୍ତ ଆୟୋଜିତ ମକର ମେଳାରେ ନିୟମିତ ସେବା ଯୋଗାଇବେ ପ୍ରଦୀପ୍ତ। ତାଙ୍କର ଏଭଳି ମହତ ଆଭିମୁଖ୍ୟକୁ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ପ୍ରଶଂସା କରିଛନ୍ତି।




ମକରମେଳା ଅବସରରେ ପ୍ରଦୀପ୍ତ ବିଶ୍ୱାଳ ବାଇକ୍ ଆମ୍ବୁଲାନ୍ସ ସେବା ଯୋଗାଉଛନ୍ତି।

## କାଇପଦର ସେବା ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ

ଖୋର୍ଦ୍ଧା,୧୪ା୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ କାଇପଦର ସେବା ସମବାୟ ସମିତିପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଏଆର୍‌ସିଏସ୍ ଭାଗମତ ମାରାଣ୍ଡି, କାଇପଦର ସେବା ସମବାୟ ସମିତିରେ ସଭାପତି କୃଷ୍ଣଚନ୍ଦ୍ର ବଳିଆରସିଂହ, ସମ୍ପାଦକ ଝଜ ସାମନ୍ତରାୟ, ସହସମ୍ପାଦକ କୈଳାସ ଶ୍ରୀଚନ୍ଦନ, ନୋଡାଲ ଅଫିସର ପ୍ରସନ୍ନ ମହାପାତ୍ର, ଡିଏଲ୍‌ଡବ୍ଲ୍ୟୁ ସୀମା ଲାକ୍ରା, ଆର୍‌ଏମ୍‌ସି ବାଲୁଗାଁ କାର୍ତ୍ତିକ ପ୍ରଧାନ ଏବଂ ଲୋପାମୁଦ୍ରା, ପୂର୍ବତନ ସଭାପତି ତପନ ପାତ୍ର ଯୋଗଦେଇଥିଲେ। ଶୁଭ୍ରାଂଶୁ ଚମ୍ପତିରାୟ, ମହେନ୍ଦ୍ର ସାମନ୍ତରାୟ, ରବୀନ୍ଦ୍ରନାଥ ମିଶ୍ର, ବଟକୃଷ୍ଣ ପରିଡ଼ା, ନିମେଇ ଚନ୍ଦ୍ର ରାଉତରାୟ, ପ୍ରଫୁଲ୍ଲ ପାତ୍ର, ଅକ୍ଷୟ ସାମନ୍ତରାୟ, ନିରଞ୍ଜନ ସୁନ୍ଦରାୟ, ରବୀନ୍ଦ୍ର ମାର୍ଥା, ସମିତି ପରିଚାଳନା ସଦସ୍ୟ ପ୍ରଭାତ ଶ୍ରୀଚନ୍ଦନ, ଶରତ ହରିଚନ୍ଦନ, ନସିରୁଦ୍ଦିନ ଖାଁ, ପ୍ରଶାନ୍ତ ପଟ୍ଟନାୟକଙ୍କ ସମେତ ଅଞ୍ଚଳର ୬୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଉପସ୍ଥିତିରେ ଧାନ ବିକ୍ରି ଉପରେ ପ୍ରଥମେ ଆଲୋଚନା ହୋଇଥିଲା। ପରେ ଧାନମଣ୍ଡି ଉଦ୍‌ଘାଟନ ହୋଇଥିଲା। ପ୍ରଥମ ଦିବସରେ ୧୨ଜଣ ଚାଷୀଙ୍କର ୩୨୮.୨୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ରାଜ୍ୟ ସରକାର ଚଳିତ ବର୍ଷ ପ୍ରଥମ ଥର ପାଇଁ ଧାନକ୍ରୟ ଉପରେ କୁଇଣ୍ଟାଲ ପ୍ରତି ଅଧିକ ୮୦୦ ଟଙ୍କା ପ୍ରୋତ୍ସାହନ ରାଶି ଦେବା ପାଇଁ ଘୋଷଣା କରିଥିବାରୁ ଚାଷୀମାନେ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ସ୍ପୋର୍ଟ୍ସ ହଷ୍ଟେଲ କଟକ ବିଜୟୀ

ନିରାକାରପୁର,୧୪ା୧(ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ସଖା ସଂଘ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୩୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ସ୍ପୋର୍ଟ୍ସ ହଷ୍ଟେଲ କଟକ ଏବଂ ନାମଖନ ଫୁଟ୍‌ବଲ ଏକାଡେମୀ ବେହେଲା କୋଲକାତା ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ଦେଇ ସ୍ପୋର୍ଟ୍ସ ହଷ୍ଟେଲ କଟକ ବିଜୟୀ ହୋଇଛି। ଶିବ ଶଙ୍କର ପଣ୍ଡା, ଶିବ ସାମନ୍ତରାୟ, ସୁକାନ୍ତ ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ଅକ୍ଷୟ ପଟ୍ଟନାୟକ, ଗଙ୍ଗାଧର ପଟ୍ଟନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରସନ୍ନ ନନ୍ଦ, ଡା.ଅଂଶୁମାନ ରାୟ, ଏସ୍.କେ. ସକୁନ, ଲକ୍ଷ୍ମୀଧର ସାମନ୍ତରାୟ, ଦିଲୀପ ରାୟ, ସାରଙ୍ଗଧର ମହାପାତ୍ର, ଅରୂପ ପ୍ରଧାନ, ଜାନକୀ ମହାପାତ୍ର, ରବୀନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ମେଗା ସ୍ୱାସ୍ଥ୍ୟମେଳା ଉଦ୍‌ଘାଟିତ

ବେଗୁନିଆ,୧୪ା୧(ସନ୍ଧ୍ୟାରାଣୀ ମିଶ୍ର)

ଅତ୍ରିସ୍ଥିତ ଉଷ୍ଣ ପ୍ରସ୍ରବଣ ପରିସରରେ ମଙ୍ଗଳବାରଠାରୁ ୫ ଦିନ ବ୍ୟାପୀ ଆରମ୍ଭ ହୋଇଥିବା ମକର ମହୋତ୍ସବ ଅବସରରେ ଏକ ମେଗା ସ୍ୱାସ୍ଥ୍ୟମେଳା ଉଦ୍‌ଘାଟିତ ହୋଇଯାଇଛି। ଆଗ୍ରୋ ଚାରିଟେବୁଲ ଟ୍ରଷ୍ଟ ଏବଂ ବେଗୁନିଆ ମିଡିଆ ହାଉସର ସହଯୋଗରେ ସ୍ୱାସ୍ଥ୍ୟମେଳା ୫ଦିନ ବ୍ୟାପୀ ଚାଲିବ। ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗର ଡାକ୍ତରମାନେ ସେବା ଯୋଗାଇଦେବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଆଗ୍ରୋ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ଶାସ୍ତ୍ରୀ ବାହାଦୁର ପ୍ରଧାନ, ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରଜନୀକାନ୍ତ ଲେଙ୍କା, ଶରତ ବାରିକ, ପ୍ରକାଶ ମିଶ୍ର, ହେମନ୍ତ ବେହେରା, ମାନସ ରଞ୍ଜନ କର, ଯୋଗେଶ୍ୱର ପଣ୍ଡା,ବାସୁଦେବ ବେହେରା, ନଳିନୀକାନ୍ତ ପଣ୍ଡା, ପୁରୁଷୋତ୍ତମ ପଟ୍ଟନାୟକ, ସମୀର ସୁନ୍ଦରାୟ, ଜାଗେଶ୍ୱର ପ୍ରଧାନ, ବିବେକାନନ୍ଦ ମିଶ୍ର, ଅଶୋକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଗଦେବାକୁ ଆସି ଫେରିଗଲେ ପଦ୍ମଚରଣ

### ଉପଜିଲାପାଳ ପରିବର୍ତ୍ତେ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଗଲେ

ଖୋର୍ଦ୍ଧା,୧୪ା୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ନୂତନ ଉପଜିଲାପାଳ ଭାବେ ପଦ୍ମଚରଣ ସାହୁ ଯୋଗଦେବାକୁ ଆସିଥିବା ବେଳେ ଫେରିଯାଇଛନ୍ତି। ଏଠାରେ ପୂର୍ବରୁ ଥିବା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ଢେଙ୍କାନାଳ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଭାବେ ବଦଳି ହୋଇଥିବା ବେଳେ ନୟାଗଡ଼ରେ ବିଡିଓ ଥିବା ପଦ୍ମଚରଣଙ୍କୁ ଖୋର୍ଦ୍ଧା ଉପଜିଲାପାଳ ଭାବେ ନିଯୁକ୍ତି ଆଦେଶ ମିଳିଥିଲା। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗ ଚିଠି ନଂ.୭୬୯/ଏସ୍‌ସିଏସ୍/୭ା୧ା୨୫ ପ୍ରକାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୋମବାର ଉପଜିଲାପାଳ ଦୀପ୍ତିରଞ୍ଜନ ଏଠାରୁ ଦାୟିତ୍ୱ ହସ୍ତାନ୍ତରକରି ଖୋର୍ଦ୍ଧା ଛାଡ଼ିଥିଲେ। ଅପରାହ୍ନ ୫ଟାରେ ନୂତନ ଉପଜିଲାପାଳଭାବେ ଯୋଗଦାନ ଲାଗି ପଦ୍ମଚରଣ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲାପାଳ ଏକ ଭିଡିଓ କନ୍‌ଫେରନ୍ସ କାମ ସାରି ସନ୍ଧ୍ୟା ୬ଟାରେ ଚାମ୍ବରକୁ ଆସିଥିଲେ। ଏହି ସମୟରେ ପଦ୍ମଚରଣ ଜିଲାପାଳଙ୍କୁ ଦେଖାକରିଥିଲେ। ତେବେ ରାଜ୍ୟ ସରକାରଙ୍କ ଉକ୍ତ ବିଭାଗ ପକ୍ଷରୁ ପୁଣି ଏକ ନୂତନ ବିଜ୍ଞପ୍ତି ଜାରି କରାଯାଇଥିବା ସହ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ଜିଲାପାଳ ସ୍ପଷ୍ଟ କରିବା ପରେ ସେ ଫେରିଯାଇଥିଲେ।

ସୋମବାର ସନ୍ଧ୍ୟାରେ ସାଧାରଣ ପ୍ରଶାସନ ଏବଂ ଜନଅଭିଯୋଗ ବିଭାଗ ପକ୍ଷରୁ ନୂତନ ବିଜ୍ଞପ୍ତି ଜାରି କରାଯାଇଛି। ପଦ୍ମଚରଣଙ୍କ ପୂର୍ବ ଆଦେଶକୁ ରଦ୍ଦ କରାଯାଇ ତାଙ୍କୁ ଖୋର୍ଦ୍ଧା ଉପଜିଲାପାଳ ପରିବର୍ତ୍ତେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ଡେପୁଟି ସେକ୍ରେଟାରି ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କେନ୍ଦୁଝରରେ ଆଡସିନାଲ ଉପଜିଲାପାଳ ଭାବେ କାର୍ଯ୍ୟରତ କିଶୋର ଚନ୍ଦ୍ର ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରକାଶ ଯେ, ପଦ୍ମଚରଣ ପୂର୍ବରୁ ଏଠାରେ ଖୋର୍ଦ୍ଧା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ।

# 'ସାହିତ୍ୟ ସମାଜର ଦର୍ପଣ'




ବୋଲଗଡ଼,୧୪ା୧(ଦେବବ୍ରତ ହୋତା)

ବୋଲଗଡ଼ ନନ୍ଦିଘୋଷ ଅନୁଷ୍ଠାନର ବାର୍ଷିକ ସାରସ୍ୱତ ସମାରୋହ ତଥା ମକର ମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ନନ୍ଦିଘୋଷ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ହରିବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ବାଣ୍ଟ ଯୋଗଦେଇ ମକର ସଂକ୍ରାନ୍ତିରେ ଜନ୍ମଗ୍ରହଣ କରିଥିବା ବ୍ୟାସକବି ଫକିରମୋହନ ସେନାପତିଙ୍କ ସାହିତ୍ୟ ସାରସ୍ୱତ ସାଧନା ବିଷୟରେ ଆଲୋଚନା କରିଥିଲେ। ସଂସ୍କୃତି ଏବଂ ପରମ୍ପରାକୁ ସାହିତ୍ୟ ବଳିଷ୍ଠ କରିବା ସହ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ମଧ୍ୟରେ ସମ୍ପର୍କର ସେତୁଭାବେ କାର୍ଯ୍ୟ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ସୁସାହିତ୍ୟିକ ଚନ୍ଦ୍ରବିଜୟୀ ମିଶ୍ର ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି କହିଥିଲେ। ସେହିପରି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ.ସୁରେଶ ଛୋଟରାୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ସାହିତ୍ୟିକ ନିର୍ମଳ ଚନ୍ଦ୍ର ସୁରଦେଓ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କବୟିତ୍ରୀ ହରପ୍ରିୟା ଦ୍ୱିବେଦୀ ଏବଂ ଶ୍ରୀକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୮୫ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଫୁଲ୍ଲ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ ହରିବନ୍ଧୁ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଧୀରେଶ ମହାପାତ୍ର ବିବରଣୀ ପଠନ କରିଥିଲେ। ସଭା ମଧ୍ୟରେ ସମସ୍ତଙ୍କୁ ମକର ଚାଉଳ ପରଷାଯାଇଥିଲା। ପ୍ରାରମ୍ଭରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଲଲାଟେନ୍ଦୁ କେଶରୀ ସିଂହ, ରଘୁନାଥ ଦଳବେହେରା, ଭକ୍ତବଲଭ ପଟ୍ଟନାୟକ, ହୃଷୀକେଶ ସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସନାତନ ପାଟ୍ଟଶାଣୀ ଧନ୍ୟବାଦ ଦେଇଥିଲେ।

## ଗିରିଗୋବର୍ଦ୍ଧନ ପୀଠରେ ମକର ମହୋତ୍ସବ

ଟାଙ୍ଗୀ,୧୪ା୧(ରଘୁନାଥ ସାହୁ)



ମକର ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଟାଙ୍ଗୀ ଗିରିଗୋବର୍ଦ୍ଧନ ପୀଠରେ ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ପାହାଡ଼ ଉପରେ ବିଦ୍ୟମାନ ପ୍ରଭୁ ଗିରି ଗୋବର୍ଦ୍ଧନଙ୍କ ମହାସ୍ନାନ କାର୍ଯ୍ୟ ସମାପନ ପରେ ନୂତନ ବସ୍ତ୍ର ଲାଗି କରାଯାଇଥିଲା। ମଙ୍ଗଳ ଆଳତି ସହ ବାଲଭୋଗ ଆଦି ଅର୍ପଣ କରାଯିବା ପରେ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥିଲା। ଏହା ପରେ ଠାକୁରଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଖୋର୍ଦ୍ଧା, ନୟାଗଡ଼ ଜିଲାର ବହୁ ଶ୍ରଦ୍ଧାଳୁଙ୍କ ପୀଠରେ ସମାଗମ ହୋଇଥିଲା। ପାହାଡ଼ ଉପରେ ଭଜନ କୀର୍ତ୍ତନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିସହ ପାହାଡ଼ ପାଦଦେଶରେ ରାମ ନାଟକ ପରିବେଷଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗିରି ଗୋବର୍ଦ୍ଧନ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

**ନୂଆଗାଁରେ ମକର ସଂକ୍ରାନ୍ତି ପାଳନ ବନ୍ଦ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକର ପ୍ରତ୍ୟେକ ଗ୍ରାମାଞ୍ଚଳରେ ମଙ୍ଗଳବାର ମକର ସଂକ୍ରାନ୍ତି ପାଇଁ ଘରେ ଘରେ ଓ ମନ୍ଦିରରେ ମକର ଚାଉଳ ଭୋଗ କରାଯାଇଛି। ହେଲେ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ଝାଡ଼ାବାନ୍ତି ଲାଗି ରହିଥିବାରୁ କେହି ଘରେ ମକର ଚାଉଳ ପୂଜା କରିବେ ନାହିଁ ବୋଲି ଗ୍ରାମରେ ବୈଠକ ବସି ନିଷ୍ପତ୍ତି ନିଆଯାଇ କେବଳ ଠାକୁରଙ୍କ ପାଖରେ ପୂଜା ବିଧି ଅନୁଯାୟୀ ମକର ଚାଉଳ ଭୋଗ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୧।୨୦୨୫

| | |
|---|---|
| | ୮,୬୯,୬୪୧ ଟଙ୍କା |
| ସୁନା | ୦.୨୮୦ ଗ୍ରାମ୍ |
| ରୁପା | ୧୧୯.୭୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମକର ନୀତି

ପୁରୀ,୧୪।୧(ଅଜିତ୍ କୁମାର ମହାନ୍ତି)



ମକର ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଦ୍ୱାରଫିଟା ଓ ଭିତରଶୋଧ, ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବେଶ ଶେଷ ହେବା ପରେ ଗୋପାଳବଲ୍ଲଭ କରାଯାଇଥିଲା। ବଲ୍ଲଭଭୋଗ ପରେ ସକାଳ ଧୂପ ସରି ମଇଲମ ପରେ ମହାସ୍ନାନ କରାଯାଇଥିଲା। ସର୍ବାଙ୍ଗ ପରେ ନୂଆଲୁଗା, ଚୂଳ, ମାଳ, ୬ ମୂର୍ତ୍ତି ଅଳଙ୍କାର ଲାଗି ପରେ ବେଶ ଶେଷ ହୋଇଥିଲା। ଧୋପଖାଳ, ଦ୍ୱିପ୍ରହର ଧୂପ ସହିତ ଯାତ୍ରାଙ୍ଗୀ ଭୋଗ ରୋଷଘରୁ ଘଣ୍ଟ, ଛତା, କାହାଳି ସହ ସେବକ ପଟୁଆରରେ ଆସିଥିଲେ। ଷୋଡ଼ଶ ଉପଚାରରେ ମଣୋହି କରାଯାଇଥିଲା। ଟେରାପଡ଼ିବା ପରେ ଏକ ଓଳିଅନ୍ନ ବାହାରକୁ ଆସି ମନ୍ଦିର ଚାରିପାଖରେ ଦିଗବଳି ପ୍ରଦାନ କରାଯାଇଥିଲା। ଏହି ଭୋଗ ଶେଷହୋଇ ଆଳତି ବଢ଼ି, ଧୋପଖାଳ ହୋଇ ଟେରାବନ୍ଧା ଗଲା ପରେ ଅଧିବାସ ହୋଇଥିବା ମକରଚାଉଳ ଆଣିବା ପାଇଁ ଭୋଗମଣ୍ଡପ ଘରକୁ ଭୋଗ ଡକାଯାଇଥିଲା।

ଭୋଗ ଡାକିଯିବା ବେଳକୁ ଶୁଦ୍ଧ ସୁଆରମାନେ ପୂର୍ବରୁ ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧସର ନେଇଥିଲେ। ପର୍ବଯାତ୍ରା ଯୋଗାଣିଆଠାରୁ ହାଣ୍ଡି କୁଡୁଆମାନ ନେଇଥିଲେ। ତିନିଗୋଟି ରୁପାଥାଳିରେ ଉକ୍ତ ଚାଉଳକୁ ରଖିଥିଲେ। ତାହାକୁ ପଂକ୍ତିବଡୁମାନେ ବାଘମୁହଁ ବାନ୍ଧି ଘଣ୍ଟ, ଛତା, କାହାଳି ସହିତ ତଳିଛୁ ପଟୁଆର କରି ବଡ଼ଦେଉଳକୁ ତିନିବେଢ଼ା ବୁଲି ଭିତରେ ରଖିଥିଲେ। ଏହା ପରେ ରୋଷଘରୁ ମକରଚୌରାଶୀ ଭୋଗ ଘଣ୍ଟ, ଛତା, କାହାଳି ସହ ପଟୁଆରରେ ଛାମୁକୁ ଆସିଥିଲା। ମହାଭୋଇମାନେ ବାଘମୁହଁ ବାନ୍ଧି, ଘଣ୍ଟ, ଛତା, କାହାଳୀ ସହ ନିର୍ଦ୍ଦିଷ୍ଟ ସେବକଙ୍କ ଦୁଗ୍ଧ, ଗୁଡ଼ିଆ ସାକର ଓ ଅନ୍ୟାନ୍ୟ ଦୁଗ୍ଧ ଜାତୀୟ ଦ୍ରବ୍ୟ ଶ୍ରୀମନ୍ଦିର ପରିକ୍ରମା କରି ଜୟବିଜୟ ଦ୍ୱାରଠାରେ ମହାସୁଆରଙ୍କ ଜିମା ଦେଇଥିଲେ, ଯାହାକୁ ମହାସୁଆର ସେବକ ମହାପ୍ରଭୁଙ୍କ ନିକଟରେ ବାଢ଼ିଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ଭାବରେ ମୁଦିରସ୍ତ ସେବକ ପ୍ରସାଦଲାଗି କଲା ପରେ ପୂଜାପଣ୍ଡାମାନେ ତିନିବାଡ଼ରେ ପଞ୍ଚ ଉପଚାର ପୂଜା ସମାପନ କରିଥିଲେ। ଭୋଗ ସରିବା ପରେ ଶ୍ରୀବିଗ୍ରହଙ୍କୁ ବନ୍ଦାପନା କରାଯାଇଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ମକର ଚୌରାଶୀ ବେଶ, ଦର୍ଶନ ଓ ମକର ବେଢ଼ା କରିବା ପାଇଁ ହଜାର ହଜାର ଭକ୍ତ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ। ମକର ଚୌରାଶୀ ବେଶରେ ଗେଣ୍ଡୁ ଫୁଲର ମାଳ, ତୁଳସୀ ଗେଣ୍ଡୁଫୁଲର ଚୂଳ ଲାଗି ହେଉଥିବାରୁ ଏବଂ ଏହି ସମୟରେ ଫୁଲର ପ୍ରାଚୁର୍ଯ୍ୟ ଥିବାରୁ ମହାପ୍ରଭୁଙ୍କର ବେଶ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା।





ମକର ସଂକ୍ରାନ୍ତି ଅବସରରେ ରାଧାବଲ୍ଲଭ ମଠ ପକ୍ଷରୁ ମକର ଚାଉଳ ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କୁ ଭୋଗ ଲଗାଯାଉଛି। ଉତ୍ତରପାର୍ଶ୍ୱ ମଠ ପକ୍ଷରୁ ମକର ଚାଉଳ ପ୍ରସ୍ତୁତ କରାଯାଉଛି।

# ଲୋକନାଥଙ୍କ ମନ୍ଦିରକୁ ଗଲା ମକର ଚୂଳ, ମକର ମୁଆଁ



ପୁରୀ,୧୪।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ନୀତିକାନ୍ତି ସହିତ ଶ୍ରୀକ୍ଷେତ୍ରର ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥ ମହାଦେବଙ୍କ ନୀତିକାନ୍ତି ପ୍ରାୟତଃ ଜଡ଼ିତ ରହିଥିବା ଦେଖିବାକୁ ମିଳିଥାଏ। ପବିତ୍ର ମକର ସଂକ୍ରାନ୍ତି ବା ମକର ପର୍ବ ଅବସରରେ ଶ୍ରୀଲୋକନାଥ ଦେବଙ୍କ ଶୈବପୀଠରେ ମକର ନୀତି ପାଳିତ ହୋଇଛି। ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମା' ପାର୍ବତୀ ତାଙ୍କ ବାପଘରକୁ ଯାଇଥିଲେ। ତେବେ ମକର ସଂକ୍ରାନ୍ତିରେ ମା' ପାର୍ବତୀ ବାପଘରୁ ଲୋକନାଥ ମନ୍ଦିରକୁ ଫେରିଛନ୍ତି। ଫେରିବା ସମୟରେ ମହାଦେବଙ୍କ ପାଇଁ ମା' ପାର୍ବତୀ ଆଭୂଷଣ ଏବଂ ବ୍ୟଞ୍ଜନ ଧରି ଫେରିଥିଲେ। ପରମ୍ପରା ସ୍ୱରୂପ ବାଲିସାହିସ୍ଥିତ ମା' ବରାହୀ ମନ୍ଦିରରୁ ୨ଟି ମକର ଚୂଳ ଏବଂ ମୁଆଁ ଲୋକନାଥଙ୍କ ପାଖକୁ ଯାଇଥିଲା। ମଧ୍ୟାହ୍ନ ଧୂପ ଏବଂ ବଡ଼ସିଂହାର ବେଶରେ ଠାକୁରଙ୍କୁ ମକର ଚୂଳ ଲାଗି ହୋଇଥିଲା। ସେହିପରି ବରାହୀଙ୍କ ପୀଠରୁ ଯାଇଥିବା ମକର ମୁଆଁ ଲୋକନାଥଙ୍କ ନିକଟରେ ଭୋଗ ହୋଇଥିଲା। ପଡ଼ିଯାତ୍ରା ଯୋଗାଣିଆ ଏବଂ ଲୋକନାଥ ମନ୍ଦିର ସେବାୟତ, ପାଳିଆ, ଘଣ୍ଟୁଆ ଏବଂ କାହାଳିଆଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

# ମାଧବାନନ୍ଦ ମନ୍ଦିରରେ ଭକ୍ତଙ୍କ ଭିଡ଼

କାକଟପୁର/ଅସ୍ତରଙ୍ଗ,୧୪।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ମକର ସଂକ୍ରାନ୍ତିରେ ମାଧବାନନ୍ଦ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ମନ୍ଦିରରେ ସ୍ୱତନ୍ତ୍ର ନୀତି କରାଯାଇଛି। ଦୈନିକ ନୀତିକାନ୍ତି ଅନୁସାରେ ଭୋର ୪ଟାରୁ ଦ୍ୱାରଫିଟା ନୀତି ଶେଷ ହେବା ସହ ସକାଳ ୫ଟାରେ ନୂଆ ମକର ଚାଉଳ ପୋଡ଼ପିଠା ଭୋଗ ଲାଗି କରାଯାଇଛି। ମା' ମଙ୍ଗଳାଙ୍କ ପୀଠ କାକଟପୁରରେ ପ୍ରାଚୀନଦୀ ତଟ ବିଭିନ୍ନ ମଠ ମନ୍ଦିରରେ ମକର ସଂକ୍ରାନ୍ତି ବେଶ୍ ଧୁମ୍‌ଧାମରେ ପାଳିତ ହୋଇଛି। ବଳରାସ୍ଥିତ ମାଧବାନନ୍ଦ ମନ୍ଦିରରେ ମଙ୍ଗଳବାର ଭୋରରୁ ସ୍ନାନ, ମାର୍ଜନା, ସୂର୍ଯ୍ୟପୂଜା ଓ ବିଭିନ୍ନ ନୀତିକାନ୍ତି, ସକାଳ ଧୂପ ପରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ବିଶ୍ୱାସ ରହିଛି, ଆଜିର ଦିନରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ସହ ମହାପ୍ରଭୁଙ୍କୁ ଆରାଧନା କରି ନଡ଼ିଆ ଗୁଆ ବସାଇଲେ ପରିବାରକୁ ଥଣ୍ଡା, ଶ୍ୱାସ ଓ କଫଜନିତ ରୋଗରୁ ମୁକ୍ତି ମିଳିଥାଏ। ତେଣୁ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଆସି ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପଟେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ପୀଠରେ ଶ୍ରଦ୍ଧାଳୁମାନେ ମକର ଭୋଗ ଲାଗି କରିଛନ୍ତି। ସେହିପରି ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ମୁତୟନ କରାଯାଇଛି। ଭକ୍ତମାନଙ୍କର ଦର୍ଶନ ନିମନ୍ତେ ସକାଳ ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସାହାଣ ମେଳା କରାଯାଇଛି। ଅପରାହ୍ନରେ ବଡ଼ସିଂହାର ବେଶରେ ଦର୍ଶନ ଦେଇଛନ୍ତି ମାଧବାନନ୍ଦ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମାଧବାନନ୍ଦ ଯୁବକ ପରିଷଦ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।



ମାଧବାନନ୍ଦ ମନ୍ଦିରରେ ଭକ୍ତଙ୍କ ଲମ୍ବାଧାଡ଼ି।

## ଝାଡ଼ାବାନ୍ତି ବ୍ୟାପିବାର ୧୨ ଦିନ ପରେ ଡାକ୍ତର ପହଞ୍ଚିଲେ

କଣାସ,୧୪।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମରେ ୧୨ ଦିନ ହେଲା ଛାଡ଼ାବାନ୍ତି ଲାଗି ରହିଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହେବା ସହ ୨ ଜଣଙ୍କ ମୃତ୍ୟୁ ହୋଇଗଲାଣି। ଏହି ଖବର ବିଭିନ୍ନ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ମଙ୍ଗଳବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଶ୍ୱରଞ୍ଜନ ଜେନା ଓ କେତେଜଣ ସ୍ୱାସ୍ଥ୍ୟକର୍ମୀ ଉକ୍ତ ଗ୍ରାମରେ ପହଞ୍ଚି ଚିକିତ୍ସା କରିଛନ୍ତି। ମଙ୍ଗଳବାର ଉକ୍ତ ଗ୍ରାମରେ ୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗଡ଼ିଶାଗୋଦା ଗ୍ରାମର ୩ ଜଣ ଓ ହତିପୁର ଗ୍ରାମର ୨ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ପାନୀୟ ଜଳ ସମସ୍ୟାକୁ ନେଇ ଝାଡ଼ାବାନ୍ତି ୧୨ ଦିନ ହେଲା ଲାଗି ରହିଛି। ଆଖପାଖ ଗ୍ରାମକୁ ବ୍ୟାପିବାରେ ଲାଗିଲାଣି।

## ଆର୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେଲେ ଅଫିସ ଘେରାଉ

ଯୋଗେଶ୍ୱରପୁର,୧୪।୧(ରଶ୍ମିରଞ୍ଜନ ସାହୁ)

ବଉଲାଙ୍ଗ ଆର୍‌ଆଇ ମାର୍ଶାଲ ପ୍ରଧାନଙ୍କ ଭିଡିଓ ନୟାହାଟ ଓ ଏହାର ଆଖପାଖ ଅଞ୍ଚଳରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲାବେଳେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚରିବାରେ, ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତାହା ତାଙ୍କ କ୍ଷମତା ବାହାରେ। ଏନେଇ ସେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅବଗତ କରିଛନ୍ତି। ଜିଲାପାଳ ଯାହା କାର୍ଯ୍ୟାନୁଷ୍ଠାନ ନେବେ। ଏ ସମ୍ପର୍କରେ ବଉଲାଙ୍ଗ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁରଙ୍କୁ ପଚରିବାରେ, ଆର୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପ୍ରଶାସନ ଯଦି ବିଳମ୍ବ କରେ, ତେବେ ଚାଷୀଙ୍କ ପକ୍ଷରୁ ଆର୍‌ଆଇ ଅଫିସ ଘେରାଉ କରାଯିବ ବୋଲି ସେ କହିଛନ୍ତି।

## ୬୦ ବର୍ଷରୁ କମ୍ ବୟସ୍କ ପାଉଛନ୍ତି ଭତ୍ତା

ଯୋଗେଶ୍ୱରପୁର,୧୪।୧(ରଶ୍ମିରଞ୍ଜନ ସାହୁ)

ସରକାରୀ ନିୟମ ଅନୁସାରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ସକ୍ଷମ ହୋଇଥାନ୍ତି। ହେଲେ ୬୦ ବର୍ଷ ନ ହୋଇ ଲୋକେ ଭତ୍ତା ପାଇବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୋପ ବ୍ଲକ ଅଧୀନ ଦେସ୍ଥଳି ପଞ୍ଚାୟତର ପିଣ୍ଡଳ, ବାଲିଦଣ୍ଡା, ବଡ଼ତୋଟା, ଓଟର ସମିଲି ବାଲି ଉପର, ସୋହୋଣା ଶାସନ ଭାରଗୋଳ ପ୍ରମୁଖ ଗ୍ରାମରେ ୪୮ରୁ ୫୨ ବର୍ଷର ୨୫ ଜଣ ବ୍ୟକ୍ତି ଭତ୍ତା ପାଉଥିବା ନେଇ ପୁରୀ ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି। ଏମାନଙ୍କୁ କମ୍ ବୟସ ହୋଇଥିବାବେଳେ ଭତ୍ତା ସହିତ ସୁଭଦ୍ରା ଟଙ୍କା ମଧ୍ୟ ପାଇଥିବା ଜଣାପଡ଼ିଛି। ଉକ୍ତ ଘଟଣାର ତଦନ୍ତ ପାଇଁ କେତେଜଣ ବ୍ୟକ୍ତି ପୁରୀ ଜିଲାପାଳଙ୍କ ପାଖରେ ଲିଖିତ ଅଭିଯୋଗ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ସୁହାଗପୁର ସମବାୟରେ ଖୋଲିଲା ଧାନମଣ୍ଡି

କାକଟପୁର/ଅସ୍ତରଙ୍ଗ, ୧୪।୧ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ବ୍ଲକ ସୁହାଗପୁର ସମବାୟ ସମିତିରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଧାନ ମଣ୍ଡି ଖୋଲିଛି। ଚାଷୀମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରିପାରିବେ। ସେବା ସମବାୟ ସମିତିରେ ସ୍ଥାନୀୟ ସରପଞ୍ଚ ଏସ୍.କେ. ଅବତାର ଉଦ୍‌ଘାଟନ କରିଛନ୍ତି। ଚଳିତ ବର୍ଷ କାକଟପୁର ଅଞ୍ଚଳର ୧୫ଟି ସେବା ସମବାୟ ସମିତି ମାଧ୍ୟମରେ ଧାନକ୍ରୟ କରାଯିବ। ଚଳିତ ବର୍ଷ କାକଟପୁର ବ୍ଲକରେ ୩୨୧୮ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଚାଷୀମାନେ ଧାନ ବିକ୍ରି କରିପାରିବେ।

# ସାକ୍ଷୀଗୋପାଳଙ୍କୁ ଲାଗି ହେଲା ମକର ଚାଉଳ

ସାକ୍ଷୀଗୋପାଳ,୧୪।୧( କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ମକର ସଂକ୍ରାନ୍ତି ତିଥିରେ ମଙ୍ଗଳବାର ସାକ୍ଷୀଗୋପାଳ ଠାକୁରଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଛି। ଏଥିପାଇଁ ଅପରାହ୍ନରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୌଷ ମାସରେ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ସୋମବାର ମାସାନ୍ତ ରାତିରେ ମନ୍ଦିରକୁ ଫେରିଛନ୍ତି। ମହାଲକ୍ଷ୍ମୀ ବାପଘରୁ ଫେରିବାବେଳେ ସାଙ୍ଗରେ ଆଣିଥିବା ମକର ଭାରରେ ପ୍ରସ୍ତୁତ ମକର ଚାଉଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଭୋଗଲାଗି କରାଯାଇଥିଲା। ଦୈନନ୍ଦିନ ଦେବନୀତି ସହ ଦ୍ୱିପ୍ରହର ଧୂପରେ ମନ୍ଦିର ବେଢ଼ାରେ ମକର, ଶାକର, ଦଧି ଓ ରୁପା ପାତ୍ରରେ ନଳିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା। ଛତି ତ୍ରାସ, ଘଣ୍ଟ, କାହାଳୀ ଛାମୁ ଖୁଣ୍ଟିଆଙ୍କ ସହ ପୂଜାପଣ୍ଡା ଓ ପାଳିଆପତ୍ରୀ ସେବକ ବଳି ଆଟିକାରେ ମକର ଚାଉଳ ନେଇ ନବାଙ୍କ ସ୍ଥାନରେ ପ୍ରଦାନ କରିଥିଲେ। ମକର ବେଢ଼ା ଅନ୍ତେ ଅପରାହ୍ନରେ ଠାକୁରଙ୍କୁ ମକର ଚାଉଳ ଭୋଗ ନୈବେଦ୍ୟ କରାଯାଇଥିଲା। ନୂଆହାଣ୍ଡିରେ ନୂଆ ଅରୁଆ ଚାଉଳ, ଧନୁମୁଆଁ, ନଡ଼ିଆ, ପାଚିଲା କଦଳୀ, କ୍ଷୀର, ଛେନା, ସର, ଭଇଁସିଘିଅ, ଚିନି, ଗୁଡ଼, ମହୁ, ଅଦା, କାଜୁ, ଖିସ୍‌ମିସ, କର୍ପୂର, ଖଟା କମଳା, ମିଠା କମଳା, ଆଖୁ, ଗୋଲମରିଚ, ଅଳେଇଚ ଗୁଣ୍ଡ ଓ ଫଳମୂଳ ଆଦି ମିଶ୍ରଣରେ ମକର ଚାଉଳ ପ୍ରସ୍ତୁତ କରାଯାଇଥିଲା। ମକର ଚାଉଳ ପ୍ରସ୍ତୁତି ସାମଗ୍ରୀ ବିକ୍ରୟ କରିବାକୁ ମନ୍ଦିର ସମ୍ମୁଖରେ ଛୋଟ ଛୋଟ ବ୍ୟବସାୟୀ ପସରା ଖୋଲିଥିଲେ। ସୂଚନାଯୋଗ୍ୟ, ଏକ ସତ୍ୟଘଟଣାରେ ସାକ୍ଷୀଦେବାକୁ ଆସି ପଥର ପାଲଟି ଯାଇଥିବା ସାକ୍ଷୀଗୋପାଳଙ୍କୁ ବର୍ଷସାରା ଗହମ, ଖଇ, ଛେନା, କ୍ଷୀର, ଲବଣି, ଶୁଖିଲା ଭୋଗ ଲାଗି କରାଯିବାର ପରମ୍ପରା ରହିଆସିଛି। ଭୁଲରେ ଗୋଟିଏ ଚାଉଳ ଠାକୁରଙ୍କୁ ଭୋଗ ଲଗାଇଲେ ବଂଶ ନାଶ ହୋଇଯିବା ଭୟରେ କେହି କେବେ ଠାକୁରଙ୍କୁ ଚାଉଳ ଭୋଗ ଲଗାଇ ନ ଥା'ନ୍ତି।

## ନୟାହାଟରେ ମକର ମେଳା

ଯୋଗେଶ୍ୱରପୁର,୧୪।୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଦେସ୍ଥଳି ପଞ୍ଚାୟତ ଘୋଡ଼ାଦଣ୍ଡା ଠାକୁରାଣୀ ପୀଠରେ ୩୦୦ତମ ମକର ମେଳା, ଦେସ୍ଥଳିର ମା' ମଙ୍ଗଳାଙ୍କ ପୀଠରେ ମକର ମେଳା ଯାନିଯାତ୍ରା ଚାଲିଥିବାବେଳେ ସ୍ଥାନୀୟ ଯୁବ ନେତା ମକରଧ୍ୱଜ ସ୍ୱାଇଁ ମା'ଙ୍କ ପୀଠରେ ପହଞ୍ଚି ଦର୍ଶନ କରିବା ସହ ଭକ୍ତଙ୍କୁ ପ୍ରସାଦ ବାଣ୍ଟିଥିଲେ। ସୋରଭା ପଞ୍ଚାୟତ ଜହ୍ନିମାଳିଆ ଛକରେ ତ୍ରିନାଥ ଠାକୁରଙ୍କ ମକର ମେଳା ଲକ୍ଷ୍ମୀ ବାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

## କବିତା ପାଠଚକ୍ର ଅନୁଷ୍ଠିତ

ପୁରୀ,୧୪।୧(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସମ୍ମିଳିତ ଲେଖକ ମଞ୍ଚ ପୁରୀ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହଯୋଗରେ ସୂଚନା ଓ ଲୋକ ସମ୍ପର୍କ ପାଠାଗାର ପରିସରରେ ଏକ କବିତା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଆବାହକ ସର୍ବାଣୀ ଦାସଙ୍କ ସଞ୍ଚାଳନରେ କବିତା ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା, ଆଇନଜୀବୀ ରଚିତା ରାଉତରାୟ ପ୍ରମୁଖ ଯୋଗଦେଇ ସାହିତ୍ୟରେ ଲୋକ ସମ୍ପର୍କ, ସାମାଜିକ ସୁରକ୍ଷା ଓ ସମନ୍ୱୟ ଭାବ ପରିପ୍ରକାଶ ପାଇଁ ଆହ୍ୱାନ ଦେଇଥିଲେ।

## ସବୁଜ ଓଡ଼ିଶା ଗଠନ ନେଇ ସାମୂହିକ ଶପଥ

ନିମାପଡ଼ା,୧୪।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଉଚ୍ଚ ବିଦ୍ୟାଳୟର ୨୦୦୭ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ଓ ସଚେତନତା କାର୍ଯ୍ୟକ୍ରମ ନିମାପଡ଼ା ନିକଟସ୍ଥ ଦିଘାଳୋସ୍ଥିତ ମା' ମନସା ଦେବୀଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ, ଅତୀତର ଅନୁଭୂତି ସ୍ମୃତିଚାରଣ କରିଥିଲେ। ସବୁଜ ଓଡ଼ିଶା ଗଠନ, ପରିବେଶର ସୁରକ୍ଷା, ଆମ ଅଞ୍ଚଳକୁ ସବୁଜିମା କରିବାକୁ ବଦ୍ଧ ପରିକର ହେବା ନେଇ ପୁରାତନ ବନ୍ଧୁମାନେ ସାମୂହିକ ଭାବେ ଶପଥ ନେଇଥିଲେ। ପିୟୁଷ ଦାସ, ଦେବାଶିଷ ସାହୁ, ବିପିନ ସାହୁ, ସମ୍ବିତ ମହାନ୍ତି, ପବିତ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ସମାରୋହ ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ପୁରାତନ ଛାତ୍ର ବନ୍ଧୁମାନେ ଏହି ସମାରୋହରେ ସାମିଲ ହୋଇ ମା' ମନସା ଦେବୀଙ୍କ ନିକଟରେ କାମନା କରିଥିଲେ।

# ଖୋଲୁନି ଧାନମଣ୍ଡି: ଶାଗ, ମାଛ ଦରରେ ବିକୁଛନ୍ତି ଚାଷୀ

ପିପିଲି,୧୪।୧(ଦୁର୍ଗା ମାଧବ ମିଶ୍ର)

ଗତ ୭ ତାରିଖରେ ପୁରୀ ଜିଲାରେ ମଣ୍ଡି ଖୋଲିବା ନେଇ ଜିଲାସ୍ତରୀୟ ପ୍ରୋକ୍ୟୁରମେଣ୍ଟ କମିଟି ନିଷ୍ପତ୍ତି ନେଇଥିଲା। ଏହା ମଧ୍ୟରେ ୫ ଦିନ ବିତି ଯାଇଥିଲେ ମଧ୍ୟ ପିପିଲି ବ୍ଲକର ୧୭ଟି ସେବା ସମବାୟ ସମିତି ମଧ୍ୟରୁ କେଉଁଠାରେ ମଧ୍ୟ ଏପର୍ଯ୍ୟନ୍ତ ଧାନମଣ୍ଡି ଖୋଲିନାହିଁ। ବ୍ଲକର ୨୫ଟି ଗ୍ରାମ ପଞ୍ଚାୟତ ଏବଂ ଏନ୍ଏସି ଅଞ୍ଚଳର ଲୋକେ ମଣ୍ଡି ନ ଖୋଲିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେଉଁ ଚାଷୀଙ୍କ ପାଖକୁ ଟୋକନ ଆସିଛି, ତା'ର ସମୟ ସୀମା ୧ ମାସ ରହିଥିବାବେଳେ ଅଦ୍ୟାବଧି ୧୫ ଦିନ ଅତିକ୍ରମ କରିଗଲାଣି। ମଣ୍ଡି ଖୋଲିବାରେ ବିଳମ୍ବ ହେଲେ ଟୋକନର ସମୟ ସୀମା ଅତିକ୍ରାନ୍ତ କରିଯିବ କି ନାହିଁ, ଏହାକୁ ନେଇ ଚାଷୀ ଏବେ ଆଶଙ୍କାରେ। ମଣ୍ଡି କେବେ ଖୋଲିବ ସେ ନେଇ ବିଭାଗ ପକ୍ଷରୁ କୌଣସି ତଥ୍ୟ ଚାଷୀଙ୍କୁ ଦିଆଯାଇନାହିଁ। ଅପରପକ୍ଷେ ଅଦିନିଆ ବର୍ଷାରେ ଧାନ ନଷ୍ଟ ହୋଇଯାଇଥିଲେବେଳେ ଯାହା ବଞ୍ଚିଛି ତାକୁ ବିକ୍ରି କରି ଋଣ ଶୁଝିବାକୁ ଚାଷୀ ଚିନ୍ତାରେ ଅଛନ୍ତି। ଅନ୍ୟପଟେ ଗାଁ ସାହୁକାରଙ୍କ ଜୁଲମ ବଳିପଡ଼ିଲାଣି। ତେଣୁ ଋଣ ଶୁଝିବାକୁ ବାଧ୍ୟ ହୋଇ ଚାଷୀ ମଣ୍ଡି ଖୋଲିବା ପୂର୍ବରୁ ବାହାର ବେପାରୀଙ୍କୁ ଶାଗ ମାଛ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ସୁଯୋଗରେ ଗ୍ରାମାଞ୍ଚଳ ଚାଷୀଙ୍କୁ ଦଲାଲମାନେ ଏକ ପ୍ରକାର ଶୋଷଣ କରୁଛନ୍ତି। ପିପିଲି ବ୍ଲକର ୨୪ ନଂ. ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ କହିଛନ୍ତି, ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୭ରେ ନିମାପଡ଼ାର ଆର୍‌ଏମ୍‌ସି କ୍ୟାମ୍ପସ୍ ମଧ୍ୟରେ ଧାନମଣ୍ଡି ଖୋଲିଛି। ୧୧ ତାରିଖରେ ପୁରୀ ସଦର ବ୍ଲକର ମାଳତୀପାଟପୁର କାଠପୋଲଠାରେ ଧାନମଣ୍ଡି ଖୋଲାଯାଇଛି। ସେହିଭଳି ବ୍ରହ୍ମଗିରି ବ୍ଲକର ରେବଣା ନୂଆଗାଁଠାରେ ମଙ୍ଗଳବାର ଧାନମଣ୍ଡି ଖୋଲିଛି। ମାତ୍ର ପିପିଲିରେ କେବେ ଖୋଲିବ, ସେନେଇ ସେ ପ୍ରଶ୍ନ କରିଛନ୍ତି। ତେବେ ଏ ସମ୍ପର୍କରେ ପ୍ରଶାସନ ସ୍ପଷ୍ଟୀକରଣ ଦେବାକୁ ସାହୁ ଦାବି କରିଛନ୍ତି।

## ଏସ୍‌ପି ଭିନୀତ ଅଗ୍ରୱାଲଙ୍କ କମ୍ୟୁନିଟି ପଲିସିଂ କାର୍ଯ୍ୟକ୍ରମ

ପୁରୀ,୧୪।୧(ଅଜିତ୍ କୁମାର ମହାନ୍ତି)

ପୁରୀରେ ପ୍ରଥମ ଥର ପାଇଁ ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ପୁରୀବାସୀଙ୍କ ନିକଟତର ପାଇଁ ଏକ କମ୍ୟୁନିଟି ପଲିସିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ଅରଖକୁଦା ମେରାଇନ୍ ଥାନା ଠାରେ ପ୍ରଥମେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେଠାରେ ସିଡିପିଓ ରବିନାରାୟଣ ଭଞ୍ଜ ଓ ଥାନାଧିକାରୀ ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ କମ୍ୟୁନିଟି ପଲିସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ମଙ୍ଗଳବାର ପେଣ୍ଠକଟା ମେରାଇନ ଥାନା ତରଫରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ଚରଣ ପତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ରବିନାରାୟଣ ଭଞ୍ଜ ଓ ପେଣ୍ଠକଟା ମେରାଇନ ଥାନାଧିକାରୀ ବବିତା ଦଳେଇଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଖେଳ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ପୁରୀବାସୀ ସ୍ୱାଗତ କରିବା ସହ ଅଗ୍ରୱାଲଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ଆଗାମୀ ଦିନଗୁଡ଼ିକରେ ସମସ୍ତ ଥାନା ଅଞ୍ଚଳରେ ହେବ ବୋଲି ଆରକ୍ଷୀ ଅଧୀକ୍ଷକ ଅଗ୍ରୱାଲ ଜଣାଇଛନ୍ତି।

# ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ଧାନମଣ୍ଡି ପରିଦର୍ଶନ

ନିମାପଡ଼ା,୧୪।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)



ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ନିମାପଡ଼ାରେ ଖୋଲିଥିବା ଧାନମଣ୍ଡି ପରିଦର୍ଶନ କରୁଛନ୍ତି।

ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ଟିମ୍ ମଙ୍ଗଳବାର ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ଥିବା ଧାନମଣ୍ଡି ପରିଦର୍ଶନ କରିଛନ୍ତି। ଟିମ୍ ପ୍ରତିନିଧିମାନେ ସିଧାସଳଖ ଚାଷୀ ବାବନ ଦାସ, ପ୍ରଶାନ୍ତ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ବିପିନ ବିହାରୀ ପ୍ରଧାନଙ୍କ ସମେତ ବହୁ ଚାଷୀଙ୍କୁ ଭେଟି ସେମାନଙ୍କ ସମସ୍ୟା, ଅଭାବ ଅସୁବିଧା ପଚାରି ବୁଝିଥିଲେ। ପ୍ରତ୍ୟେକ ଦିନ ଧାନମଣ୍ଡି ଖୋଲା ରହିବ ବୋଲି ସରକାରଙ୍କ ନିର୍ଦ୍ଦେଶ ରହିଛି, ଚାଷୀଙ୍କଠାରୁ ସୁଚାରୁରୂପେ ଧାନ କ୍ରୟ କରାଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସାହୁ କହିଥିଲେ। ଅନ୍ୟପକ୍ଷେ ବିଗତ ବିଜେଡି ସରକାରଙ୍କ ବିଭିନ୍ନ କାର୍ଯ୍ୟ ଓ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଧାନମଣ୍ଡି ପରିଦର୍ଶନବେଳେ ନିମାପଡ଼ାଠାରେ ଧାନମଣ୍ଡି ବଜାର ବନ୍ଦ ରହିଥିବାରୁ ଓ ଚାଷୀଙ୍କଠାରୁ ବହୁ ପରିମାଣର କଟ୍‌ନୀଛଟ୍‌ନୀ କରାଯାଉଥିବା ଅଭିଯୋଗ ଶୁଣି ପ୍ରତିନିଧି ଦଳ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ମଣ୍ଡିକୁ ଚାଷୀ ଏଫ୍ଏକ୍ୟୁ ମାନର ଧାନ ଆଣିବାକୁ ଟିମ୍ ପ୍ରତିନିଧିମାନେ ପରାମର୍ଶ ଦେଇଥିଲେ। ମଣ୍ଡିରେ ଚାଷୀଙ୍କ ଅଭିଯୋଗ ଶୁଣି ଏ ଦିଗରେ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସଭାପତି ସାହୁ କହିଥିଲେ। ଏହି ଟିମ୍‌ରେ ରାଜ୍ୟ ସଭାପତି ସାହୁ, ସମ୍ପାଦକ ସ୍ୱାଇଁ, ସଂଯୋଜକ ଗୋବିନ୍ଦ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ବିଜୟ ପଣ୍ଡା, ଜିଲା ସଭାପତି ଅଜୟ ପ୍ରଧାନ, ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ ପ୍ରଭାତ ସ୍ୱାଇଁଙ୍କ ସମେତ ମୋର୍ଚ୍ଚାର ବହୁ ପଦାଧିକାରୀ ଏହି ପରିଦର୍ଶନ ଓ ସମୀକ୍ଷା କାର୍ଯ୍ୟରେ ସାମିଲ ହୋଇଥିଲେ। ନିମାପଡ଼ା ବ୍ଲକ ବିଷ୍ଣୁପୁର ଗ୍ରାମର ଅନ୍ତର୍ଯ୍ୟାମୀ ବରାଳ ନାମକ ଜଣେ ସଫଳ ଯୁବ ଚାଷୀଙ୍କୁ ମୋର୍ଚ୍ଚାର ରାଜ୍ୟ ସଭାପତି ସମ୍ବର୍ଦ୍ଧିତ କରିଥିଲେ। ମଣ୍ଡିରେ କଟ୍‌ନୀଛଟ୍‌ନୀକୁ ନେଇ ବହୁ ଚାଷୀ ଟିମ୍ ଆଗରେ ତାଙ୍କର ଅସନ୍ତୋଷ ବ୍ୟକ୍ତି କରିଥିଲେ।

